# ସରକାର ଶୁଣିଲେ ନାହିଁ; ଚାଷୀ କଲେ ନାଳ ସଫା

କଣାସ, ୧୩।୧୧(ସମିସ)

କଣାସ ବ୍ଲକର ସାହାସପୁର ନିକଟରୁ ମକରାନଦୀରୁ ବାହାରିଥିବା ଆଡିନଦୀ ନାଳ ୩ କିମି ଅତିକ୍ରମ କରି ବଡଓରା ନିକଟରେ ପୁନଶ୍ଚ ମକରା ନଦୀରେ ସଂଯୋଗ ହୋଇଛି। ଏହି ନାଳ ଉପରେ ସାହାସପୁର, ସାନଓରା, ବଡଓରା, ଓଗାଳପୁର ଗ୍ରାମର ଚାଷୀମାନେ ଧାନ ଚାଷ କରିବା ପାଇଁ ଏହି ଆଡି ନଦୀ ନାଳ ଉପରେ ନିର୍ଭର କରୁଥିବା ବେଳେ ପାଇକମରା, ଜାଗୁଳେଇପଦର, କଉଡିଖିଣି, କଳାପଦର, ଗୋପିନାଥପୁର ଗ୍ରାମର ବର୍ଷା ଓ ବନ୍ୟାଜଳ ଏହି ନାଳଦେଇ ନିଷ୍କାସନ ହେଉଥିବା ବେଳେ ନାଳରେ ପ୍ରଚୁର ପରିମାଣର କଳିକତି ଦଳ ରହିଥିବାରୁ ଚାଷୀମାନେ ନାଳରୁ ପାଣି ମଡାଇ ରବି ଚାଷ କରୁଥିବା ବେଳେ ଦଳ ଥିବା ହେତୁ ଜଳ ନ ଆସିବାରୁ ଚାଷୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦଳ ସଫା କରାଇବାକୁ ଦାବି କରିଥିଲେ ମଧ୍ୟ କୌଣସି ପ୍ରତିକାର ହୋଇ ନ ଥିଲା। ବୁଧବାର ସାହାସପୁର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଏକ ବୈଠକ କରି ଦଳ ସଫା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଅନ୍ୟ ଗ୍ରାମବାସୀମାନେ ଆସନ୍ତାକାଲିଠାରୁ ସାମିଲ ହୋଇ ଦଳ ସଫା କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଯାହାଦ୍ୱାରା କି ଦଳ ସଫା ପରେ ଉକ୍ତ ଆଡିନଦୀ ନାଳରେ ମକରା ନଦୀରୁ ଜଳ ପ୍ରବେଶ କରିବା ପରେ ଚାଷୀମାନେ ରବି ଚାଷ କରିବାପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ପ୍ରତି ବର୍ଷ ବନ୍ୟା ଯୋଗୁଁ ଶାରଦ ଧାନ ଫସଲ ଧୋଇ ଯାଉଥିବାରୁ ଚାଷୀମାନେ ରବି ଫସଲ ଉପରେ ନିର୍ଭର କରିଥାନ୍ତି।



# ରୋଗୀଙ୍କ କଲ୍ୟାଣ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଠାକୁର ପୂଜା

**ଅସ୍ତରଙ୍ଗ, ୧୩।୧୧(ସମିସ):** ଅସ୍ତରଙ୍ଗରେ ରୋଗୀଙ୍କ କଲ୍ୟାଣ ପାଇଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ତ୍ରିନାଥ ଠାକୁରଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ବା ଦ୍ୱିତୀୟ ପଞ୍ଚୁକରେ ଏହି ଠାକୁରଙ୍କ ଉତ୍ସବ ଆୟୋଜିତ ହୋଇଥାଏ। ଚଳିତ ବର୍ଷ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟକୁମାର ପ୍ରଧାନଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ସମ୍ପାଦନ ହୋଇଛି। ଡ଼ଃ ସୁବାସ ବିଶ୍ୱାଳ, ଡ଼ଃ ସୁଜିତ କୁମାର ପ୍ରଧାନ, ଡ଼ଃ ସୂର୍ଯ୍ୟକାନ୍ତ ସାମନ୍ତରାୟ ଓ ଅନ୍ୟ ଡାକ୍ତର ସବୁ ଉପସ୍ଥିତ ରହିଥିବା ବେଳେ ବିଭାଗର ସମସ୍ତ ଷ୍ଟାଫ ନର୍ସ, ଫର୍ମାସିଷ୍ଟ, ଲ୍ୟାବର ସମସ୍ତ କର୍ମୀ, ହସ୍ପିଟାଲର ସମସ୍ତ କର୍ମଚାରୀ ପୂଜାରେ ଅଂଶଗ୍ରହଣ କରିଥିଲେ। ଅସ୍ତରଙ୍ଗର ବରିଷ୍ଠ ପୁରୋହିତ ବାଲକୃଷ୍ଣ କରଙ୍କ ପୌରୋହିତ୍ୟରେ ପୂଜା କାର୍ଯ୍ୟ ହୋଇଥିବା ବେଳେ ପୂର୍ବତନ ଲାବ୍ରୋଟେରିଆନ ସତ୍ୟ ନାରାୟଣ ମିଶ୍ର କର୍ତ୍ତା ହୋଇଥିଲେ। ରୋଗୀଙ୍କ କଲ୍ୟାଣ ପାଇଁ ଏହି ପୂଜା ଉଦ୍ଦିଷ୍ଟ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ ପ୍ରଧାନ ମତାମତ ଦେଇଛନ୍ତି।



# ୩୩ତମ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା

**ଅସ୍ତରଙ୍ଗ, ୧୩।୧୧(ସମିସ):** ଅସ୍ତରଙ୍ଗ ବ୍ଲକ ହାଇସ୍କୁଲ ପରିସରରେ ୩୩ତମ ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ମହାସଚିବ ମଙ୍ଗୁଳି ଚରଣ ଦାସ, ସଭାପତି ବିପିନ କୁମର ମହାନ୍ତି, ସଂପାଦକ ନିରଂଜନ ବେହେରା, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ପ୍ରିୟବ୍ରତ ପରିଡ଼ା, ସଂପାଦକ ସନ୍ତୋଷ ଦାସ, ଶିକ୍ଷକ ରବୀନ୍ଦ୍ର କୁମାର ପରିଡ଼ା, ତରୁଣ କୁମାର ନାୟକ, ଭାସ୍କର ନାୟକ, ଆଲୋକ ଲେଙ୍କା ଓ ବିଜ୍ଞାନ ଶିକ୍ଷକ ଲିଙ୍ଗରାଜ ପରିଡ଼ାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି ବିଜ୍ଞାନ ମେଳାରେ ରାଇକଣା ବିଦ୍ୟାଳୟ ମଧୁସ୍ମିତା ନାୟକ ପ୍ରଥମ, ସୁରେନ୍ଦ୍ର ନାଥ ବିଦ୍ୟାଳୟର ପାର୍ଥ ସାରଥୀ ବିଶ୍ୱାଳ ଦ୍ୱିତୀୟ, ବନ୍ତିଲୋର ଅଦିତି ସାହୁ ୩ୟ, ଦେବସ୍ମିତା ବାରିକ ୪ର୍ଥ, ରୁପାଲୀ ପ୍ରିୟଦର୍ଶିନୀ ବାରିକ ୫ମ, ଜୟଜ୍ୟୋତି ଜେନା ୬ଷ୍ଠ, ବିଶ୍ୱଜିତ ବସ୍ତିଆ ଅସ୍ତରଙ୍ଗ ଉଚ୍ଚବିଦ୍ୟାଳୟରୁ ୭ମ ସ୍ଥାନ ଅଧିକାର କରିଛନ୍ତି। ଏହି ବିଜ୍ଞାନ ମେଳାରେ ମୁଖ୍ୟଅତୀଥି ରୂପେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ମୁଖ୍ୟବକ୍ତା ନୂଆଦିଲ୍ଲୀର ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଶଙ୍କର ପ୍ରସାଦ ଜେନା, ସମ୍ମାନିତ ଅତୀଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସହ ମଣ୍ଡଳ ଶିକ୍ଷା ଅଧିକରୀ ସୁଧାଂଶୁ ବାଳା ଶତପଥୀ ଯୋଗଦେଇଥିଲେ। ୭୦ଟି ବିଦ୍ୟାଳୟରୁ ୯୧ଟି ପ୍ରୋଜେକ୍ଟ ସ୍ଥାନ ପାଇଥିଲା। ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ କୃତ୍ତୀ ଛାତ୍ରଛାତ୍ରୀ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ନିୟୋଜିତ ହେବେ ବୋଲି ପ୍ରଧାନଶିକ୍ଷକ ତଥା ସଭାପତି ସୁଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

# ମିଶନ ଶକ୍ତି କାଫେ ଉଦ୍‌ଘାଟିତ



**ନିମାପଡ଼ା, ୧୩।୧୧(ସମିସ):** ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମିଶନଶକ୍ତି କାଫେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇଥିଲେ। ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ମାଆମାନଙ୍କ ଅର୍ଥନୈତିକ ସଶକ୍ତିକରଣ ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ମିଶନଶକ୍ତି କାଫେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ତାଙ୍କର ସହେଯାଗୀଙ୍କ ପାଇଁ ଏହି କାଫେ ସହାୟକ ହେବ ବୋଲି କହିଥିଲେ। ଉଦ୍‌ଘାଟନ ଉତ୍ସବରେ ଏନଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷମାନିଧି ସେଠୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ବିଜୟ କୁମାର ଗ୍ରହାଚାର୍ଯ୍ୟ, ଫାର୍ମାସିଷ୍ଟ ତ୍ରିନାଥ ପାତ୍ରଙ୍କ ସମେତ ମିଶନ ଶକ୍ତିର ସଭାପତି ଓ ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କ ଦ୍ୱାରା ଦଶମ ବାର୍ଷିକ ଖାଦ୍ୟ ମେଳା

**ନିମାପଡ଼ା, ୧୩।୧୧(ସମିସ):** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅଧୀନ ରଏଡ଼ ବଜାରରେ ଥିବା ବିବେକା ନନ୍ଦ ଶିକ୍ଷା କେନ୍ଦ୍ରର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଦଶମ ବାର୍ଷିକ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କ ମଧ୍ୟରେ ବ୍ୟବସାୟିକ ଜ୍ଞାନ ବୃଦ୍ଧି ହେବା ସହିତ ଗାଣିତିକ ହିସାବ ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଛାତ୍ରଛାତ୍ରୀଙ୍କ ଗାଣିତିକ ଓ ବ୍ୟବସାୟିକ ସମ୍ପର୍କିତ ଜ୍ଞାନ ବୃଦ୍ଧି ପାଇଁ ବିଦ୍ୟାଳୟ ତରଫରୁ ଏହି ନିଆରା କାର୍ଯ୍ୟକ୍ରମ ଆୟଜନ କରାଯାଇଛି। ଛୋଟଛୋଟ ପିଲାମାନେ କିଭଳି ଅଭିଭାବକ ବିନା ସାହାଯ୍ୟରେ କ୍ରୟ ବିକ୍ରୟ କରିପାରିବେ ସେଥି ପ୍ରତି ଧ୍ୟାନ ଆକର୍ଷଣ ଏବଂ ଛୋଟ ଛୋଟ ପିଲାମାନଙ୍କୁ ଦୁର୍ନୀତି ଖୋର ବ୍ୟବସାୟୀ ଠାରୁ କିଭଳି ନିଜକୁ ଠକାମିର ଶିକାର ନ ହେବେ ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ୧୦ଟି ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି।



# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୪୧ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**ନିମାପଡ଼ା, ୧୩।୧୧(ସମିସ):** ନିମାପଡ଼ା ବ୍ଲକ ପରିସରରେ ଥିବା ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଏନଏସିର ୪୧ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ଏନଏସିର ୭ ଜଣକୁ ବିଧବା ଭତ୍ତା, ୩୧ଜଣକୁ ବାର୍ଦ୍ଧକ୍ୟ ଭତ୍ତା ଓ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ବିଡିଓ ଡଃ ଅଭିଜିତ ଷଡଙ୍ଗୀ, ଏନଏସି ସାଂସଦ ପ୍ରତିନିଧି ମୀନଲତା ମହାନ୍ତି ଓ ବିଜୟ ଗ୍ରହାଚାର୍ଯ୍ୟ ପ୍ରମୁଖ ଉପସ୍ଥିତଥିଲେ। ଅବସରରେ ଜଣେ ଦିବ୍ୟାଙ୍ଗ କଲେଜ ଛାତ୍ର ମଣ୍ଟୁ ଜେନାଙ୍କୁ ବ୍ଲକ ତରପରୁ ଏକ ବ୍ୟାଟେରୀ ଚାଳିତ ୩ ଚକିଆ ସାଇକଲ ପ୍ରଦାନ କରାଯାଇଥିଲ।



# ବିଦ୍ୟାଳୟରେ ଶିଶୁ ପ୍ରତିଭା ସମାରୋହ

**ଚାରିଛକ, ୧୩।୧୧(ସମିସ):** ଚାରିଛକସ୍ଥିତ ଅର୍ଣ୍ଣପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୋପସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାନର ସେନା ଦ୍ୱାରା ଶିଶୁ ପ୍ରତିଭା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ନୃତ୍ୟ, ସଙ୍ଗୀତ, କ୍ରୀଡ଼ା ଆଦି ପ୍ରତିଯୋଗିତା କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ ସଭାରେ ଅନୁଷ୍ଠାନର ସଂପାଦକ ତଥା ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଖଟୋଇ, ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗୋପୀନାଥ କର, କାକଟପୁର ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର ଅତିଥି ରୂପେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନ ଲେଙ୍କା ସଭା ପରିଚାଳନା କରିଥିଲେ। ସଭାରେ ଏସଏମଡିସିର ସଭ୍ୟ ରାମଚନ୍ଦ୍ର ଜେନା, ଅଭିଭାବକ ଅନୁରୁଧ ସ୍ୱାଇଁ, ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପାତ୍ର, ହରିହର ମୁଦୁଲି, ଶିକ୍ଷୟିତ୍ରୀ ପ୍ରଣତି ନାୟକ, ଶିବବ୍ରତ ମଲ୍ଲ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଚଳିତବର୍ଷ ରାଜ୍ୟ ସରକାରଙ୍କର ଜଙ୍ଗଲ ବିଭାଗ ଦ୍ୱାରା ପୁରୀ ଜିଲ୍ଲା ତରଫରୁ ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଲେଙ୍କାଙ୍କୁ ଅନୁଷ୍ଠାନର ସାଧାରଣ ସଂପାଦକ ତଥା ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଖଟୋଇ ସମ୍ବର୍ଦ୍ଧିତ କରିଥିଲେ।



# ‘ମାନସିଂହ ସାହିତ୍ୟ ଏକ ମହାଦ୍ରୁମ’

**କୃଷ୍ଣପ୍ରସାଦ, ୧୩।୧୧(ସମିସ):** ପ୍ରେମ ଓ ପ୍ରଣୟର କବି ଡ଼କ୍ଟର ମାୟାଧର ମାନସିଂହଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାନସିଂହ ପାଠାଗାର ନନ୍ଦଳା ଆନୁକୂଲ୍ୟରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମାନସିଂହ ମେମୋରିଆଲ ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। ବିଷ୍ଣୁ ପ୍ରସାଦ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମାନସିଂହ ସାହିତ୍ୟ ସଂସଦର ସମ୍ପାଦକ ଲଳିତ କୁମାର ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ଡ଼କ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ମୁଖ୍ୟବକ୍ତା ସାହିତ୍ୟ ଏକାଡେମୀ ସଚିବ ଡ଼କ୍ଟର ଜୟନ୍ତୀ ରଥ, ସମ୍ମାନନୀୟ ଅତିଥି ମାନସିଂହ ହାଇସ୍କୁଲର ପ୍ରଧାନଶିକ୍ଷକ ଆର୍ତ୍ତତ୍ରାଣ ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ କାଶୀନାଥ ଜେନା, ପ୍ରଧାନଶିକ୍ଷକ ଅଖିଳ ଚନ୍ଦ୍ର ନାୟକ, ଶ୍ୱେତପଦ୍ମା ସାହିତ୍ୟ ସଂସଦ ବ୍ରହ୍ମପୁରର ସଭାପତି ବିଜୟ ଚନ୍ଦ୍ର ମିଶ୍ର, ବହୁ ସାହିତ୍ୟିକ ଯୋଗ ଦେଇଥିଲେ। ମାନସିଂହଙ୍କ ପୁତୁରା କିଶୋର ଚନ୍ଦ୍ର ବିଶୋଇ ପ୍ରମୁଖ ଯୋଗ ଦେଇଥିଲେ। କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଅଞ୍ଚଳର କବି ପ୍ରେମଚାନ୍ଦ ପାତ୍ରଙ୍କୁ ମାନସିଂହ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମାନସିଂହ ସାହିତ୍ୟ ଏକ ମହାଦ୍ରୁମ ଥିଲେ ବୋଲି ମନୋରମା ମହାପାତ୍ର କହିଥିଲେ। ଜୟନ୍ତୀ ରଥ କହିଥିଲେ ମାନସିଂହ ଜଣେ ନିର୍ଭିକ କବି ଥିଲେ ଆଉ ତାଙ୍କ ପରି କବି ଜନ୍ମ ହେବେ ନାହିଁ। ସମସ୍ତ ଅତିଥି ମାନସିଂହ ସାହିତ୍ୟ କବିତାକୁ ଉଦ୍ଧାର କରିଥିଲେ। ଉକ୍ତ ସଭାରେ ପ୍ରଧାନଶିକ୍ଷକ ସନାତନ ତରେଇ, ଶିକ୍ଷକ ଦେବରାଜ ଜେନା, ବିଦ୍ୟାଧର ପ୍ରଧାନ, ପ୍ରବୀଣା ଦାସ, ମନୋଜ କୁମାର ବାରିକ, ଶିକ୍ଷାବିତ ବାବୁଲା ନାୟକ, ବ୍ରଜବନ୍ଧୁ ବେହେରା, ଅଧ୍ୟାପକ ବସନ୍ତ ନାୟକ, ଶିକ୍ଷକ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ବହୁ ସାହିତ୍ୟିକ ଯୋଗ ଦେଇଥିଲେ।



# ହରି ସହଦେବଙ୍କ ପୀଠରେ ସଫେଇ




**କୃଷ୍ଣପ୍ରସାଦ, ୧୩।୧୧(ସମିସ):** ଓଡ଼ିଶା ଇକୋ ଟ୍ୟୁରିଜିମ ଫାଉଣ୍ଡେସନ ପୁରୀ ପକ୍ଷରୁ ବାଲିବନ୍ତରେ ବିରାଜମାନ କରିଥିବା କନିଷ୍ଠ ପାଣ୍ଡବ ବାବା ହରିସହଦେବଙ୍କ ପୀଠରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବିତ୍ର କାର୍ତ୍ତିକ ମାସର ପଞ୍ଚୁକ ଅବସରରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଜମୁଥିବା ବେଳେ ମନ୍ଦିର ପରିବେଶକୁ ପରିଷ୍କାର ପରିଛନ୍ନ ରଖିବା ପାଇଁ ଫାଉଣ୍ଡେସନର ସଭାପତି ଯୁଗବ୍ରତ କରଙ୍କ ଆହ୍ୱାନ କ୍ରମେ ଏହି ସଫେଇ କରାଯାଇଥିଲା। ପ୍ଲାଷ୍ଟିକ ମୁକ୍ତ ହରିସହଦେବଙ୍କ ପୀଠ କରିବା ନିମନ୍ତେ ସ୍ଥାନୀୟ ଜନସାଧାରଣ ତଥା ଦର୍ଶନାର୍ଥୀଙ୍କୁ ସଚେତନତା କରାଯାଇଥିଲା। ସାମାଜିକ କର୍ମୀ ଆଶିଷ କୁମାର ସ୍ୱାଇଁ ଏବଂ ଅନୁଜ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସାକ୍ଷୀଗୋପୀନାଥ ମନ୍ଦିର ନିକଟରେ ତୁଳସୀ ବିବାହ ଉତ୍ସବ



**ସାକ୍ଷୀଗୋପାଳ, ୧୩।୧୧(ସମିସ):** ମହାକାର୍ତ୍ତିକ୍ ମାସର ଗରୁଡ଼ ଦ୍ୱାଦଶୀ ତିଥିରେ ସାକ୍ଷୀଗୋପୀନାଥ ମନ୍ଦିର ନିକଟରେ ଥିବା ରାମ ମନ୍ଦିର ସମ୍ମୁଖରେ ବୁଧବାର ତୁଳସୀ ବିବାହ ଅନୁଷ୍ଠିତ ହୋଇଯାଇଛି। ରାମ ମନ୍ଦିରରେ ସମସ୍ତ ନୀତିକାନ୍ତି ସରିବା ପରେ ମନ୍ଦିରରେ ପୂଜା ପାଉଥିବା ଚଳନ୍ତି ପ୍ରତିମା ଶ୍ରୀ ନାରାୟଣଙ୍କୁ ସେଠାରୁ ଅଣାଯାଇ ପଞ୍ଚାମୃତରେ ସ୍ନାନ କରାଯାଇ ଫୁଲ, ଚନ୍ଦନ ଓ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ସେହିପରି ମା’ ତୁଳସୀ ବୃକ୍ଷକୁ ବିବାହ ମଣ୍ଡପକୁ ଅଣାଯାଇ ବୈଦିକ ରୀତିରେ ବିବାହ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ରାମମନ୍ଦିରର ପୂଜକ ବଂଶୀଧର ପାଢ଼ୀ ଓ ଅନ୍ୟ ବ୍ରାହ୍ମଣ ହରିହର ମହାପାତ୍ର ବିବାହ କାର୍ଯ୍ୟ ଶେଷ କରିଥିଲେ। ପ୍ରଭୁ ଲକ୍ଷ୍ମୀନାରାୟଣଙ୍କର ପିତାମାତା ଭାବେ ଶରତ ଚନ୍ଦ୍ର ମହାପାତ୍ର ସଂଯୁକ୍ତା ମହାପାତ୍ର ରହିଥିବା ବେଳେ କନ୍ୟା ତୁଳସୀଙ୍କର ପିତା ଭାବେ ସତ୍ୟପିୟ ମହାପାତ୍ର ଓ ରଞ୍ଜିତା ମହାପାତ୍ର ବିବାହ କାର୍ଯ୍ୟ ଶେଷ କରିଥିଲେ। ବିବାହ କାର୍ଯ୍ୟରେ ମଧ୍ୟସ୍ଥି ଭାବେ ସାକ୍ଷୀଗୋପୀନାଥଙ୍କ ସେବାୟତ ରାମଚନ୍ଦ୍ର ନନ୍ଦ ରହିଥିଲେ। ବିବାହ କାର୍ଯ୍ୟରେ ରବୀନ୍ଦ୍ର ନାଥ ଷଡ଼ଙ୍ଗୀଙ୍କ ସହିତ ଅନ୍ୟ ଶ୍ରଦ୍ଧାଳୁ ମାନେ ସହଯୋଗ କରିଥିଲେ। ବିବାହ କାର୍ଯ୍ୟ ଶେଷ ହେବା ପରେ କନ୍ୟା ଘର ପକ୍ଷରୁ ବରଯାତ୍ରୀଙ୍କ ପାଇଁ ଆଳିପଣା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିବାହ କାର୍ଯ୍ୟ ଶେଷ ହେବା ପରେ ଉପସ୍ଥିତ ଥିବା ମହିଳାମାନେ ହୁଳହୁଳି ପକାଇ ବରକନ୍ୟାଙ୍କୁ ବନ୍ଦାପନା କରି ଶ୍ରୀରାମ ମନ୍ଦିରକୁ ତଥା ଘରକୁ ପ୍ରବେଶ କରାଇଥିଲେ।

# କ୍ଷେତ ପୋଖରୀ ଖନନ ଓ ନଡ଼ିଆ ଚାରା ରୋପଣରେ ମହାଦୁର୍ନୀତି

ଗମ୍ଭୀରିପଦା, ୧୩।୧୧(ସମିସ)

ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କାର ଅନୁଦାନ ରାଶି ଯୋଗାଇ ଦେଉଛନ୍ତି। କିନ୍ତୁ ଏକାଧିକ ଯୋଜନାରେ କାଗଜପତ୍ରରେ କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଯୋଜନାର ବାସ୍ତବ ରୂପ ଦେଇ ସରକାରୀ ଅର୍ଥ ହରିଲୁଟ କରୁଥିବା ଅଧିକାଂଶ ସମୟରେ ବିଭିନ୍ନ ମହଲରେ ଅଭିଯୋଗ ହୋଇଆସୁଛି। ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ କାଦୁଆନୂଆଗାଁ ପଞ୍ଚାୟତରେ ମନରେଗା ଯୋଜନାରେ ପ୍ରକଳ୍ପ ନ ଥାଇ ସରକାରୀ ଅର୍ଥ ହରିଲୁଟ ହୋଇଥିବାର ଅଭିଯୋଗ ବିଭିନ୍ନ ମହଲରେ ହେବା ପରେ ଶେଷରେ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏବେ ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଛି। ଖବରରୁ ପ୍ରକାଶ ପୁରୀ ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨୦୨୨- ୨୩ ଓ ୨୦୨୩- ୨୪ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ କାଦୁଆନୂଆଗାଁ ଗ୍ରାମପଞ୍ଚାୟତର କ୍ଷେତ ପୋଖରୀ ଖନନ ଓ ନଡ଼ିଆ ଚାରା ଯୋଗାଣରେ ବ୍ୟାପକ ଅନିୟମିତତା କରାଯାଇ ଏବାବଦରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଇଛି ବୋଲି ଉକ୍ତ ପଞ୍ଚାୟତର କୈଳାସ ଚନ୍ଦ୍ର ଲେଙ୍କା, ପୂର୍ବତନ ସରପଞ୍ଚ ଭୀମସେନ ସେଠୀ, ଦୁର୍ଯ୍ୟୋଧନ ମହାନ୍ତି, ଗଣେଶ ପାତ୍ର, ଗୌତମ ପାତ୍ର, ଧୃଶାସନ ବେହୁରା, ଅଭିମନ୍ୟୁ ବେହୁରା, କପିଳ ନାୟକ, ନବଘନ ବେହେରାଙ୍କ ସମେତ ଶତାଧିକ ବ୍ୟକ୍ତି ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ପାଇଁ ପୁରୀ ଜିଲ୍ଲାପାଳ, ମୃତ୍ତିକା ସଂରକ୍ଷଣ ବିଭାଗ ନିର୍ଦ୍ଦେଶକ, ଭିଜିଲାନ୍ସ ବିଭାଗ ନିକଟରେ ଦାବି କରିଥିଲେ। କିନ୍ତୁ ଅଭିଯୋଗର ତଦନ୍ତ ନ ହେବାରୁ ଗତ ୬ରେ କାକଟପୁର ବ୍ଲକକୁ ଆସିଥିବା ସେଣ୍ଟ୍ରାଲ ଏଜି ଅଡିଟ ଟିମର ଅଧିକାରୀମାନଙ୍କୁ ଉପରୋକ୍ତ ବ୍ୟକ୍ତିମାନେ ଭେଟି ସେମାନଙ୍କ ନିକଟରେ ସମାନ ଅଭିଯୋଗ କରିବା ସହିତ ଏହାର ତଦନ୍ତ ପାଇଁ ଦାବି କରିଥିଲେ। ଶେଷରେ ଜିଲ୍ଲାପାଳ ଏହାର ତଦନ୍ତ ପାଇଁ କାକଟପୁର ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



**● ତଦନ୍ତ ଆରମ୍ଭ; କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା**

ଖବରରୁ ପ୍ରକାଶ କେତେକ ହିତାଧିକାରୀ ଆଦୌ ପ୍ରକଳ୍ପ ନ କରି ସରକାରୀ ଅର୍ଥ ପାଇଥିବା ବେଳେ ଆଉ କେତେକ ହିତାଧିକାରୀ ଯୋଜନା ମୁତାବକ ପ୍ରକଳ୍ପ ନ କରି ଲୋକ ଦେଖାଣିଆ ଭାବେ ୪ କିମ୍ବା ୫ଟି ନଡ଼ିଆ ଚାରା ରୋପଣ କରି ସରକାରୀ ଅନୁଦାନ ରାଶି ହାତେଇଛନ୍ତି। ସେହିଭଳି ୧୨ଟି କ୍ଷେତ ପୋଖରୀ ଖନନ କାର୍ଯ୍ୟ ମଧ୍ୟରୁ ୨ ଗୋଟି କ୍ଷେତ ପୋଖରୀ ଖନନ କରି ଆଉ ୧୦ ଗୋଟି କ୍ଷେତ ପୋଖରୀର ଅନୁଦାନ ରାଶିକୁ ଚଲୁ କରିଦିଆଯାଇଛି। କିନ୍ତୁ ପୁରୀ ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ କାଗଜପତ୍ରରେ ଯୋଜନାର ବାସ୍ତବ ରୂପ ଦେଇ ଏବାବଦରେ ଲକ୍ଷ ଲକ୍ଷ ଟଙ୍କା ପୈଠ କରିଛି ବୋଲି କାଗଜପତ୍ରରେ ଦର୍ଶାଇଛି। ଯେଉଁ ୫୭ ଜଣ ହିତାଧିକାରୀଙ୍କୁ ନଡ଼ିଆ ଚାଷ ପାଇଁ ଚାରା ଯୋଗାଣ ସହ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି ବାସ୍ତବରେ ସେହି ହିତାଧିକାରୀମାନଙ୍କ ଖାତା ପ୍ଲଟ ଠିକ ନ ଥାଇ ମୃତ୍ତିକା ସଂରକ୍ଷଣ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ଗୋପନ ବୁଝାମଣାରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ହଡପ କରାଯାଇଛି। ଏମିତିକି କାଦୁଆନୂଆଗାଁ ପଞ୍ଚାୟତର ହିତାଧିକାରୀକାରୀଙ୍କୁ ଅନ୍ୟ ପଞ୍ଚାୟତ ଯଥା ଲତାହରଣ, କୁରୁଜଙ୍ଗ, ବାଙ୍ଗୁରୀଗାଁ ଓ ଅବଦାନ ପଞ୍ଚାୟତ ହିତାଧିକାରୀ ବୋଲି ଦର୍ଶାଇ ଅନୁଦାନ ଅର୍ଥ ଚଲୁ କରିଦିଆଯାଇଛି। ତଦନ୍ତ ବେଳେ କିଛି ହିତାଧିକାରୀ ଯୋଜନା ମୁତାପକ ନଡ଼ିଆ ଗଛ ଲଗାଇ ନ ଥିବା ବେଳେ ଉକ୍ତ ପଞ୍ଚାୟତ ବୋବୁଆ ଗ୍ରାମର କେଲୁ ଚରଣ ପାତ୍ର, ଧନିତ୍ରୀ ଗ୍ରାମର କୁମର ସେଠୀ, ଗୋପାଳ ବରାଳ, ସୁଦର୍ଶନ ବରାଳ, ସତ୍ୟ ସୁନ୍ଦର, ବୈରାଗୀ ବେହୁରା, କାଳନ୍ଦୀ ବରାଳ, ସଞ୍ଜୀବ କୁମାର ବେହୁରା, ଉପୁଳା ଗ୍ରାମର ମନମୋହନ ନାୟକ, ସନ୍ତରସ ଗ୍ରାମର ଅଜୟ ମହାରଣା, ପୁବେଇ ଗ୍ରାମର ଗୁଣନିଧି ବେହେରା, ଅଶୋକ ଭୂୟାଁ, ସଦାଶିବ ପଣ୍ଡା, ରମେଶ ଭୂୟାଁ, ରୀନା ରାଣୀ ପ୍ରମୁଖ ସେମାନଙ୍କୁ ବିଭାଗ ପକ୍ଷରୁ ନଡ଼ିଆ ଚାରା ଦିଆ ନ ଯାଇ ସେମାନଙ୍କ ଅର୍ଥକୁ ହଡପ କରାଯାଇଥିବା ସୂଚନା ଅଧିକାର ବଳରେ ପାଇଥିବା ତଥ୍ୟରୁ ଜଣା ପଡ଼ିଛି ବୋଲି ଅଭିଯୋଗକାରୀ ମାନେ ତଦନ୍ତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ।



# ଶ୍ରୀକ୍ଷେତ୍ର ସିଟି

୧୩/୧୧/୨୦୨୪ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୯,୧୪,୫୬୩/- ସୁନା: ୧୪.୮୦୦ ଗ୍ରାମ୍ ରୁପା: ୧୯୪.୪୦୦ ଗ୍ରାମ୍











ପୁରୀରେ ବିଭିନ୍ନ ସାହିରେ କାର୍ତ୍ତିକେଶ୍ୱର ପୂଜା

## ଆଇଏମ୍‌ଟି ଫାର୍ମାସୀ କଲେଜରେ ରକ୍ତଦାନ ଶିବିର




**ପୁରୀ, ୧୩।୧୧(ସମିସ):** ସ୍ଥାନୀୟ ଗୋପାଳପୁରସ୍ଥିତ ଓଡ଼ିଶାର ଅନ୍ୟତମ ପୁରାତନ ପାରା ମେଡିକାଲ ଶିକ୍ଷାନୁଷ୍ଠାନ ଆଇଏମ୍‌ଟି ଫାର୍ମାସୀ କଲେଜରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ ବ୍ଲଡ ବ୍ୟାଙ୍କ କେନ୍ଦ୍ର ଓ କଲେଜର ଯୁବ ରେଡ୍‌କ୍ରସ ଶାଖା ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ବିଶ୍ୱନାଥ ରଥ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ରକ୍ତଦାନ କରିଥିଲେ। ଶିବିରରୁ ୭୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିମଧ୍ୟରେ ୨୨ ଜଣ ଛାତ୍ରଛାତ୍ରୀ ପ୍ରଥମଥର ପାଇଁ ରକ୍ତଦାନ କରିବା ସମସ୍ତଙ୍କୁ ଉତ୍ସାହିତ କରିଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ରଥ, ଡ. ଅନ୍ନଦା ପ୍ରସାଦ ମହାପାତ୍ର, ଅଧ୍ୟକ୍ଷ ଅଗ୍ନିମିତ୍ର ଦିଣ୍ଡା, ନିର୍ଦ୍ଦେଶିକା ଦେବସ୍ମିତା ରଥ, ନିର୍ଦ୍ଦେଶକ ଡ. ପ୍ରକାଶ ଚନ୍ଦ୍ର ସେନାପତି, ଉପାଧ୍ୟକ୍ଷ ଦେବାଶିଷ ମିଶ୍ର, ଯୁବ ରେଡ୍‌କ୍ରସ କାଉନ୍ସିଲର ଅଧ୍ୟାପକ ଦେବଦତ୍ତ ସାହୁ, ଅଧ୍ୟାପକ ଦେବାଶିଷ ଦାସ, ଜଗନ୍ନାଥ ପ୍ରସାଦ ମିଶ୍ର, ସ୍ନେହାଶୀଷ ତ୍ରିପାଠୀ, ଅଧ୍ୟାପିକା ଅଳକା କର, ସହାୟକ ନିରଞ୍ଜନ ନାୟକ, ଆଦିତ୍ୟ ପ୍ରଧାନ, ଲକ୍ଷ୍ମୀନାରାୟଣ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ପୁରୀ ବ୍ଲଡ ସେଣ୍ଟର ତରଫରୁ ବିବିଓ ଦୀପକ ସାହୁ, କାଉନ୍ସିଲର ପ୍ରୀତିରଞ୍ଜନ ନାୟକ, ଡିଇଓ ମନୋରଞ୍ଜନ ଭୋଇ, ଲାବୋରେଟୋରୀ ଟେକ୍ନିସିଆନ ସସ୍ମିତା ଦାସ, ନର୍ସ ଅଫିସର ମଙ୍ଗଳା ପ୍ରସାଦ ଦିକ୍ଷୀତ, ଅମିତ ପାଢ଼ୀ, ଜିତେନ୍ଦ୍ର ନାୟକ, ପ୍ରବିଣ କୁମାର ନାୟକ, ପ୍ରିୟାଂଶୁ ଭଞ୍ଜ ଉପସ୍ଥିତ ଥିଲେ। ପରିଶେଷରେ ପୁରୀ ବ୍ଲଡ ସେଣ୍ଟର ତରଫରୁ କଲେଜକୁ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଡକାୟତି ଯୋଜନା ପଣ୍ଡ; ୯ ଗିରଫ

ପୁରୀ, ୧୩।୧୧(ସମିସ): ଦୁଇଟି ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛନ୍ତି ବାସେଳିସାହି ଏବଂ କୁମ୍ଭାରପଡ଼ା ଥାନା ପୁଲିସ। ଏହି ଦୁଇଟି ଘଟଣାରେ ମୋଟ ୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଜଣେ ଖସିଯିବାକୁ ସକ୍ଷମ ହୋଇଛି। ମଙ୍ଗଳାଘାଟ ଛକର ଏକ ପରିତ୍ୟକ୍ତ ଘରେ ମଙ୍ଗଳବାର ରାତିରେ ଏମାନେ ଏକାଠି ହୋଇ ଡକାୟତି ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଚଢ଼ାଉ କରି ୫ ଜଣଙ୍କୁ କାବୁ କରିଥିଲା। ସେମାନେ ହେଲେ ଲୋକନାଥ ରୋଡ ହାତୀଶାଳର ମହେଶ୍ୱର ଭୋଇ, ଜଗନ୍ନାଥ ବସ୍ତିର ତ୍ରିନାଥ ଦାସ, ମିଶ୍ର ନୋଳିଆସାହିର ଦୀପକ ବେହେରା, ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ସରୋଜ ନାୟକ ରାମଚଣ୍ଡୀ ସାହି ବାଲିଉପର ବସ୍ତିର ଶିବ ନାୟକ। ପୁଲିସ ସେମାନଙ୍କଠାରୁ ୨ଟି ଖଣ୍ଡା, ୨ଟି ଲୁହାରଡ, ଗୋଟିଏ ଚାପଡ଼, ୨ ପ୍ୟାକେଟ ଲଙ୍କାଗୁଣ୍ଡ, ୫ଟି ଖାଲି ବିୟର ବୋତଲ ଏବଂ ଗୋଟିଏ ଡିଆସିଲ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସେହିପରି କୁମ୍ଭାରପଡ଼ା ପୁଲିସ ମଙ୍ଗଳବାର ରାତିରେ ଦେବକୀ ହସ୍ପିଟାଲ ପଛପଟେ ବସି ଡକାୟତି ଯୋଜନା କରୁଥିବା ବେଳେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିବାବେଳେ ଜଣେ ଖସି ଯାଇଥିଲା। ଗିରଫ ଯୁବକମାନେ ହେଲେ ଗୋଖା ସାହିର ଅଭି ବେହେରା, ବଳିଆପଣ୍ଡା ମଙ୍ଗଳାସାହିର ମାର୍କଣ୍ଡ ଷଡ଼ଙ୍ଗୀ, ବଳିଆପଣ୍ଡାର ପ୍ରଶାନ୍ତ ବଳବନ୍ତରାୟ, ଗୌଡ଼ବାଡ ସାହିର ଶଙ୍କର ପ୍ରଧାନ। ତେବେ ଖସି ଯାଇଥିବା ଯୁବକ ଜଣଙ୍କ ହେଲେ ରାମଚଣ୍ଡୀ ସାହି ବାଲିଉପର ବସ୍ତିର କାର୍ତ୍ତିକ ମଲ୍ଲିକ। ଏମାନେ ନିକଟସ୍ଥ ଏକ ଜୁଏଲାରୀରେ ଡକାୟତି ପାଇଁ ଯୋଜନା କରୁଥିଲେ। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରିଛି ପୁଲିସ।

## ୪ ଦିନ ବିତିଲା; ସମୁଦ୍ରରେ ନିଖୋଜ ଯୁବକଙ୍କ ପତ୍ତା ମିଳିନି

**ପୁରୀ, ୧୩।୧୧(ସମିସ):** ପୁରୀ ସମୁଦ୍ରରେ ବିଭିନ୍ନ ସମୟରେ ଅଘଟଣ ଘଟୁଛି। ବେଳେ ବେଳେ ଉଚ୍ଚ ଲହଡି ମାଡ଼ରେ ପର୍ଯ୍ୟଟକ ଆହତ ହେଉଥିବା ବେଳେ ପୁଣି କେତେବେଳେ କରେଣ୍ଟରେ ପଡ଼ି ଭାସିଯାଇ ମୃତାହତ ହେଉଛନ୍ତି। ମଝିରେ ମଝିରେ ପର୍ଯ୍ୟଟକ ଏଭଳି ସ୍ଥିତିର ସାମ୍ନା କରୁଥିବା ବେଳେ ନିକଟରେ ଜଣେ ୧୮ ବର୍ଷୀୟ ଯୁବକ ଗାଧୋଇବା ବେଳେ ନିଖୋଜ ହୋଇଯାଇଥିଲେ। ଇତିମଧ୍ୟରେ ସେ ନିଖୋଜ ହେବାକୁ ୪ ଦିନ ବିତିଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ସମ୍ପୃକ୍ତ ଯୁବକ ହେଉଛନ୍ତି ଭଦ୍ରକ ବାସୁଦେବପୁରର ଆୟୁଷ କୁମାର ମହାପାତ୍ର।

ଭଦ୍ରକରୁ କିଛି ଯୁବକ ସାଙ୍ଗ ହୋଇ ଗତ ରବିବାର ପୁରୀ ବୁଲିବାକୁ ଆସିଥିଲେ। ମଧ୍ୟାହ୍ନରେ ଭିକ୍ଟୋରିଆ ହୋଟେଲ ସମ୍ମୁଖ ସମୁଦ୍ରରେ ସ୍ନାନ କରୁଥିଲେ। ଛୁଟିଦିନ ଥିବାରୁ ବେଳାଭୂମିରେ ପର୍ଯ୍ୟଟକଙ୍କର ବି ପ୍ରବଳ ଗହଳି ହୋଇଥିଲା। ଆୟୁଷ ଓ ତାଙ୍କ ସାଙ୍ଗମାନେ ସମୁଦ୍ରରେ ଗାଧୋଉଥିଲେ। ହେଲେ ଆୟୁଷ ଏକ ଉଚ୍ଚ ଲହଡିରେ ପଡ଼ି ଭିତରକୁ ଟାଣି ହୋଇଯାଇଥିଲେ। ସାଙ୍ଗମାନଙ୍କ ଆଖି ଆଗରେ ସେ ଭାସିଯାଇଥିଲେ। ଉଦ୍ଧାର ପାଇଁ ତାଙ୍କ ସାଙ୍ଗମାନେ ଡାକ ପକାଇବାରୁ ଲାଇଫ୍‌ଗାର୍ଡମାନେ ସଙ୍ଗେ ସଙ୍ଗେ ଖୋଜାଖୋଜି କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ବି ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସୂଚନା ପାଇ ନ ଥିଲେ। ଏଥିସହ ଜେଟସ୍କିରେ ସମୁଦ୍ର ଭିତରକୁ ଯାଇଥିଲେ ମଧ୍ୟ ଆୟୁଷଙ୍କର ପତ୍ତା ମିଳି ନ ଥିଲା। ଏ ନେଇ ସମୁଦ୍ରକୂଳ ଥାନାରେ ସାଙ୍ଗମାନେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିବା ବେଳେ ବୁଧବାର ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳି ନ ଥିବା ଥାନାଧିକାରୀ ମାନସ ଚକ୍ର କହିଛନ୍ତି।

## ହବିଷ୍ୟାଳୀଙ୍କୁ ନିମ୍ନମାନର ଫଳ

**ପୁରୀ, ୧୩।୧୧(ସମିସ):** ରାଜ୍ୟ ସରକାରଙ୍କ ହବିଷ୍ୟାଳୀ ଯୋଜନାରେ ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି ପ୍ରାୟ ୨, ୫୦୦ରୁ ଅଧିକ ବ୍ରତଧାରୀ। ଚାରୋଟି କେନ୍ଦ୍ରରେ ରହୁଛନ୍ତି ହବିଷ୍ୟାଳୀ ମା'। ତେବେ ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହି ବ୍ୟବସ୍ଥାରେ ବି ଅନେକ ତ୍ରୁଟି ରହିଛି, ଯାହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଏକାଧିକ ହବିଷ୍ୟାଳୀ। ପୂର୍ବରୁ ନାନା ପ୍ରକାର ଅବ୍ୟବସ୍ଥା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏବେ ଏକାଦଶୀରେ ହବିଷ୍ୟାଳୀ ମା'ମାନଙ୍କୁ ନିମ୍ନମାନର ଫଳ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଥିଲା ଏକାଦଶୀ। ଏହି ଏକାଦଶୀରେ ଅନେକ ବ୍ରତଧାରୀ ଅନ୍ନ ସେବନ କରୁ ନ ଥିବାରୁ ସୋମନଙ୍କ ପାଇଁ ଫଳ ବ୍ୟବସ୍ଥା କରାଯାଇଥିଲା। ହେଲେ ସେମାନଙ୍କୁ ନିମ୍ନମାନର ଫଳ ଦିଆଯାଇଥିବା ଅଭିଯୋଗ କରିଛନ୍ତି ହବିଷ୍ୟାଳୀ ମା'। ସେମାନେ ଅଭିଯୋଗ କରିଛନ୍ତି ସେଓ ଅତ୍ୟନ୍ତ ଛୋଟ ଏପରି କି କଷା ବି ଲାଗୁଥିଲା। ସେହିପରି ଫଳ ରସର ମାନ ଠିକ୍ ନ ଥିବା ଅନେକ କହିଛନ୍ତି। ଏ ନେଇ କିଛି ହବିଷ୍ୟାଳୀ ମା' ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। ତେବେ ଫଳ ଯୋଗାଣ ଦାୟିତ୍ୱରେ ଥିବା ବ୍ୟକ୍ତି ଅନିମିୟତତା କରିଥିବା ସନ୍ଦେହ ପ୍ରକଟ କରାଯାଇଛି।

## ଦାଦାବଟି ଆଦାୟ ବେଳେ ୩ ଗିରଫ

**ପୁରୀ, ୧୩।୧୧(ସମିସ):** ମାର୍କେଟ ଛକ ମାଛ ମାର୍କେଟଠାରେ ଲୁହାରଡ ଦେଖାଇ ଭୟଭୀତ କରି ଦାଦାବଟି ଆଦାୟ କରୁଥିବା ବେଳେ ୩ ଜଣଙ୍କୁ ଗିରଫ କରିଛି ଟାଉନ ଥାନା ପୁଲିସ। ସେମାନେ ହେଲେ ଚୁଡ଼ଙ୍ଗସାହି ମାତା ଗୋସାଇଁ ଲେନ୍‌ର ବିଜୟ କୁମାର ଭୋଳ, ମାର୍କଣ୍ଡେଶ୍ୱରସାହି ନୂଆପାଟଣା ଲେନ୍‌ର ରାକେଶ ରାଉତ ଓ ମଙ୍ଗଳାଘାଟ ପାଇକସାହିର ପ୍ରକାଶ ବାରିକ। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବୁଧବାର ମାର୍କେଟ ଛକରେ ଲୁହାରଡ ଧରି ଆତଙ୍କ ଖେଳାଇବା ସହ ନିକଟସ୍ଥ ଦୋକାନୀ ଏବଂ ଅଟୋ ଡ୍ରାଇଭରଙ୍କଠାରୁ ଦାଦାବଟି ଆଦାୟ କରୁଥିଲେ। ଏହି ସମୟରେ ପୁଲିସ ପହଞ୍ଚି ୩ ଜଣଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ପଞ୍ଚୁକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଶ୍ରୋତାଙ୍କ ମନ ଜିଣିଲା ଭଜନ, ପ୍ରବଚନ




**ପୁରୀ, ୧୩।୧୧(ସମିସ):** ମାଉସୀ ମା' ମନ୍ଦିର ସମ୍ମୁଖରେ ଚାଲିଥିବା ପଞ୍ଚୁକ ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମୁଖ୍ୟଅତିଥି ଭାବେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଭଗବାନ ସୁଆର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶ୍ରୀମନ୍ଦିର ସେବାୟତ ଗଣେଶ ମହାସୁଆର ପବିତ୍ର କାର୍ତ୍ତିକ ମାସର ମାହାତ୍ମ୍ୟ ବିଷୟରେ ଆଲୋକପାତ କରିଥିଲେ। ସଭା ପର୍ବ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରାରମ୍ଭରେ ରାଧେ ରାଧେରେ ପ୍ରକମ୍ପିତ ହୋଇଥିଲା ମାଉସୀମା'ଙ୍କ ପୀଠ ପରିସର। ରାଧାମୋହନ ସଂକୀର୍ତ୍ତନ ଦଳ ପକ୍ଷରୁ ସଂକୀର୍ତ୍ତନରେ ଧାର୍ମିକ ମାହୋଲ ସୃଷ୍ଟି ହୋଇଥିବା ବେଳେ ହୁଳହୁଳି, ହରିବୋଲ ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସଭାସ୍ଥଳ। ପୁରୀର ଶ୍ରୀ କଳା ନିକେତନ ଅନୁଷ୍ଠାନର ଗୁରୁ ରୋଜାଲିନ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଶ୍ରୀତ କମଳା ନୃତ୍ୟ, ଯମୁନାକୁ ଜାଆନା, ନାଗେନ୍ଦ୍ର ହରାୟ, ଅଚ୍ୟୁତମ କେଶବମ୍, କୃଷ୍ଣ ରାସ ନୃତ୍ୟ ଓ କୃଷ୍ଣରାଧା ପ୍ରେମ ଭଜନ ପରିବେଷଣ କରାଯାଇଥିଲା। ପ୍ରବକ୍ତା ମିନାକ୍ଷୀ ଶତପଥୀ ହରିକଥା ଓ ରାମନାମ ଶ୍ରବଣ କରାଇଥିଲେ। ଶେଷରେ ନିମାପଡ଼ା ଯମୁନା ଆଶ୍ରମର କଳାକାରଙ୍କ ଦ୍ୱାରା ଭାବ ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଦ୍ଧାର୍ଥ ପଟ୍ଟନାୟକ ଓ ଅଭିମନ୍ୟୁ କାନୁନଗୋ ସଂଯୋଜନା କରିଥିଲେ। ବହୁ ଶ୍ରଦ୍ଧାଳୁଙ୍କ ସମେତ ତୀର୍ଥଯାତ୍ରୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

ସଭା ପର୍ବରେ ମହୋତ୍ସବ ଅଭ୍ୟର୍ଥନା କମିଟି ସଭାପତି ଜଗନ୍ନାଥ ଦାସ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ସଂଗଠକ ଶ୍ୟାମପ୍ରକାଶ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ଉପାଧ୍ୟକ୍ଷ ଚକ୍ରଧର ମହାପାତ୍ର, ଅଭ୍ୟର୍ଥନା କମିଟି ସମ୍ପାଦକ ମଧୁସୂଦନ ମିଶ୍ର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦୋରା, ବିରେନ୍ଦ୍ର କୁମାର ଶାସ୍ତ୍ରୀ, ଗୋପୀନାଥ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନା କରିଥିଲେ।

## ୧୧ ଗ୍ରାମ୍ ବ୍ରାଉନସୁଗର ଜବତ, ୨ ଗିରଫ

**ପୁରୀ, ୧୩।୧୧(ସମିସ):** ବାସେଳିସାହି ଥାନା ପୁଲିସ ବ୍ରାଉନସୁଗର ବିକ୍ରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦୁଇଜଣ ହେଲେ ଅଠରନଳା ନୀଳଚକ୍ରନଗରର ସୁବାଶିଷ ପଣ୍ଡା ଏବଂ ଦୀପକ କୁମାର ପଣ୍ଡା। ଏମାନଙ୍କୁ ପୁଲିସ ଗିନାରୀବନ୍ତ ଆଶ୍ରମ ନିକଟରୁ ଗିରଫ କରିଛି। ଦୁଇଜଣଙ୍କଠାରୁ ୧୧.୫୫ ଗ୍ରାମ୍ ବ୍ରାଉନସୁଗର ଜବତ ହୋଇଥିବା ବେଳେ ୧,୦୬୦ ଟଙ୍କା, ୨ଟି ମୋବାଇଲ ଫୋନ, ଗୋଟିଏ ପଲ୍‌ସର ଏବଂ ଗୋଟିଏ ହୋଣ୍ଡା ଆକ୍ଟିଭା ଗାଡି ଜବତ କରାଯାଇଛି। ପୂର୍ବରୁ ଦୀପକ ପଣ୍ଡା ନାଁରେ ପୁରୀ ସହରର ବିଭିନ୍ନ ଥାନାରେ ୫ଟି ମାମଲା ଥିବାବେଳେ ସୁବାଶିଷ ନାଁରେ ୧୩ଟି ମାମଲା ରହିଛି।

### ହବିଷ୍ୟାଳୀ ଶିବିରରେ ଅବ୍ୟବସ୍ଥା

## ମା'ମାନଙ୍କୁ ଦିଆଯାଇଥିଲା ଏକ୍ସପାଏରୀ ଔଷଧ





ପୁରୀ, ୧୩।୧୧(ସମିସ)

ସରିଆସୁଛି କାର୍ତ୍ତିକ ବ୍ରତ। ଆଉ ମାତ୍ର ୨ ଦିନ ପରେ ଶ୍ରୀକ୍ଷେତ୍ରରୁ ବିଦାୟ ନେବେ ବ୍ରତଧାରୀ। ଚଳିତବର୍ଷ ଆରମ୍ଭରୁ ହବିଷ୍ୟାଳୀ ଶିବିରରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଧାରା ଏବେ ବି ଜାରି ରହିଛି। ସମୟ ଯେତେ ସରିଆସୁଛି ଅବ୍ୟବସ୍ଥାର ତାଲିକା ସେତେ ଲମ୍ବିବାରେ ଲାଗିଛି। ମଙ୍ଗଳବାର ବଡ଼ ଏକାଦଶୀରେ ଅନ୍ନ ସେବନ କରୁ ନ ଥିବା ହବିଷ୍ୟାଳୀମାନଙ୍କୁ ବଣ୍ଟା ଯାଇଥିବା ଫଳ ନିମ୍ନମାନର ଥିବାବେଳେ ଜୁସ୍ ଏକ୍ସପାଏରୀ ହୋଇଯାଇଥିଲା। ସେହିପରି କେତେଜଣଙ୍କୁ ଜୁସ୍ ନ ମିଳିବାରୁ ସେମାନେ ବି ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ସବୁଠୁ ବଡ଼ କଥା ହେଉଛି ମଙ୍ଗଳବାର ରାତିରେ ବୃନ୍ଦାବତୀ ନିବାସରେ ହବିଷ୍ୟାଳୀ ମା'ମାନଙ୍କୁ ଥଣ୍ଡା, କଫ୍ ଶିରପ ପ୍ରଦାନ କରାଯାଇଥିଲା। ଖାଇସାରିବା ପରେ ୨ ଠିପି ଲେଖାଏ ଖାଇବା ଲାଗି କୁହାଯାଇଥିଲା। କିଛି ହବିଷ୍ୟାଳୀ ଏହାକୁ ଖାଇଥିଲେ। ହେଲେ ସକାଳୁ ବ୍ରତଧାରୀମାନେ ମନ୍ଦିରକୁ ବାହାରିବା ସମୟରେ ସେମାନଙ୍କୁ ଦିଆଯାଇଥିବା ଶିରପ ମାଗି ନେଇଯାଇଥିଲେ। ଏ ସମ୍ପର୍କରେ ଜଣେ ହବିଷ୍ୟାଳୀ ବୁଲୁମଣୀ ପ୍ରଧାନ କହିଛନ୍ତି, ଆମେମାନ ଧାଡିରେ ଛିଡା ହେଲୁ। ପରିଚୟପତ୍ର ଦେଖି ଜଣଙ୍କୁ ଗୋଟିଏ ଲେଖାଏ ଶିରପ ଦେଇଥିଲେ। ଖାଇସାରିବା ପରେ ଦୁଇଠିପି ଲେଖାଏ ଖାଇବାକୁ କହିଥିଲେ। ବଡ଼ ଏକାଦଶୀ ଥିବାରୁ ମୁଁ ଔଷଧ ଖାଇ ନ ଥିଲି। କିନ୍ତୁ କେତେଜଣ ମା' ଖାଇଥିଲେ। ସକାଳେ ଆମକୁ ଡାକି ଔଷଧ ଫେରାଇ ନେଇଥିଲେ। ପଚାରିବାରୁ ସେ ଖାଇବାକୁ ହେବନି ବୋଲି କହିଥିଲେ। ସେହି ଔଷଧର ଡେଟ୍ ପଳାଇ ଯାଇଛି ବୋଲି ଆମେ ଶୁଣିଲୁ ବୋଲି କହିଛନ୍ତି ବୁଲୁମଣୀ।

### ଅବଢ଼ା ନିଅଣ୍ଟକୁ ନେଇ ବୃନ୍ଦାବତୀ ନିବାସରେ ହୋହଲ୍ଲା

କେବଳ ଏତିକି ନୁହେଁ, ବୁଧବାର ବୃନ୍ଦାବତୀ ନିବାସରେ ଅବଢ଼ା ନିଅଣ୍ଟ ପଡ଼ିବାରୁ ହୋ ହଲ୍ଲା ହୋଇଥିଲା। ପୁଣି ଅବଢ଼ା ମଗାଇ ଏହାର ସମାଧାନ କରାଯାଇଥିଲା। ଏଭଳି ଅବ୍ୟବସ୍ଥା ସମ୍ପର୍କରେ ବୃନ୍ଦାବତୀ ନିବାସ କେନ୍ଦ୍ର ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡାଙ୍କୁ ପଚାରିବାରେ ଜୁସ୍ ଏବଂ ଔଷଧ ଏକ୍ସପାଏରୀକୁ ଅସ୍ୱୀକାର କରିଥିଲେ। ମା'ମାନଙ୍କୁ ଯେଉଁ ଶିରପ ଦିଆଯାଇଥିଲା ତାହା ସେମାନଙ୍କୁ ଦିଆଯିବାର ନ ଥିଲା। ତେଣୁ ସେଗୁଡ଼ିକୁ ପୁଣି ଫେରାଇ ଅଣାଯାଇଥିଲା ବୋଲି କହିଥିଲେ ଡେପୁଟି କଲେକ୍ଟର ଶ୍ରୀ ପଣ୍ଡା। ତେବେ ଅବଢ଼ା ନିଅଣ୍ଟ ପଡ଼ିବା ସମ୍ପର୍କରେ ସେ କହିଥିଲେ ଯେ ହବିଷ୍ୟାଳୀ ମା'ମାନେ ଖାଇସାରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିବା ଅଳ୍ପ କିଛି ଜଣ ଖାଇ ନ ଥିଲେ। ପଛ ଗାଡିରେ ଆସୁଥିବା ଅବଢ଼ା ପହଞ୍ଚିବା ପରେ ସେମାନେ ଖାଇଥିଲେ ବୋଲି କହିଛନ୍ତି।

## ନୋତର ସମବାୟ ସମିତି ଋଣ ଠକେଇ ମାମଲା

# ବହିଷ୍କୃତ ସମ୍ପାଦକ ଗିରଫ, ବରମୁଣ୍ଡାରୁ ଉଠାଇ ଆଣିଲା ପୁଲିସ

ନୟାଗଡ଼, ୧୩ା୧୧(ସମିସ)



ଗୋଟିଏ ବର୍ଷ ମଧ୍ୟରେ ୫ ଥର ବ୍ୟାଙ୍କରେ ନେଣଦେଣ

ନୟାଗଡ଼ ଜିଲ୍ଲା ସଦର ବ୍ଲକ ନୋତର ସମବାୟ ସମିତିରେ ହୋଇଥିବା ଋଣ ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ବୁଧବାର ଇଟାମାଟି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଉକ୍ତ ସମବାୟ ସମିତିର ବହିଷ୍କୃତ ସମ୍ପାଦକ ଆଶିଷ କୁମାର ପ୍ରଧାନ । ଆଶିଷ ସମବାୟ ସମିତିରେ ଦୀର୍ଘବର୍ଷ ତଳୁ କାର୍ଯ୍ୟ କରି ଆସୁଥିଲେ । ଲୋକଙ୍କ ବିଶ୍ୱାସରେ ବିଷ ଦେଇ ସେମାନଙ୍କ ଚେକ୍ ଏବଂ ଡ୍ରୟାଲକୁ ବ୍ୟବହାର କରି ବ୍ୟାପକ ଅନିୟମିତତା କରିଥିଲେ । ଲୋକଙ୍କ ନାଁରେ ଋଣ କରି ତାହାକୁ ଇଟାମାଟି ସମବାୟ ବ୍ୟାଙ୍କରୁ ଉଠାଣ କରି ନେଇଥିଲେ । ବିଭିନ୍ନ ଲୋକଙ୍କ ଅଜାଣତରେ ସମବାୟ ସମିତି ସମ୍ପାଦକ ଅନେକ ଋଣ ଉଠାଣ କରିଥିବା ବେଳେ ୨ ବର୍ଷ ତଳୁ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନାଁରେ କରାଯାଇଥିବାର ଅଭିଯୋଗ ଆସିଥିଲା । ଏପରିକି ମୃତ ବ୍ୟକ୍ତିଙ୍କ ନାଁରେ ଋଣ ଉଠାଣ କରାଯାଇଥିବା ଅଭିଯୋଗ ହୋଇଥିଲା । ସମବାୟ ସମିତି ସମ୍ପାଦକ ଆଶିଷ ପ୍ରଧାନ ୨ ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ୨ କୋଟିରୁ ଉର୍ଦ୍ଧ୍ୱ ଋଣ ଟଙ୍କା ଜାଲିଆତି କରିଥିବା ଅଭିଯୋଗ ଆସିଥିଲା । ୨୦୨୨ ମସିହାରେ ଏହି ଘଟଣା ସାମ୍ନାକୁ ଆସିଥିଲା । ଏହି ଘଟଣାରେ ସାମିଲ ଥିବା ଇଟାମାଟି ବ୍ୟାଙ୍କ ମ୍ୟାନେଜର ଜିତେନ୍ଦ୍ର କୁମାର ସାହୁଙ୍କୁ ବଦଳି କରାଯାଇଥିଲା । ବ୍ୟାଙ୍କ ସୁପରଭାଇଜରଙ୍କ ବିରୁଦ୍ଧରେ ମଧ୍ୟ ଉକ୍ତ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଏହା ସହିତ ଆଶିଷଙ୍କୁ ସମବାୟ ସମିତିରୁ ନିଲମ୍ବନ କରାଯାଇଥିଲା । ସମବାୟ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ପରେ ଆଶିଷ ଘୋଟାଲା କରିଥିବା ସ୍ପଷ୍ଟ ହୋଇଥିଲା । ଋଣ ଠକେଇ ଘଟଣାକୁ ନେଇ ଚାଷୀ ଗୋଲେଖ ନାୟକ ଇଟାମାଟି ଥାନାରେ ଏକ ଏତଲା ଦେଇଥିଲେ । ଉକ୍ତ ଏତଲା ଆଧାରରେ ଆଶିଷଙ୍କ ନାମରେ ଆଇପିସି ୪୦୯ ଏବଂ ୪୨୦ ଦଫାରେ ମାମଲା ରୁଜୁ ହେବା ପରେ ସେ ଫେରାର ହୋଇଯାଇଥିଲେ । ଏହା ମଧ୍ୟରେ ଆଶିଷଙ୍କୁ ଉକ୍ତ ସମବାୟ ସମିତିରୁ ବହିଷ୍କୃତ କରାଯାଇ ସାରିଛି । ଏହି ଋଣ ଠକେଇ ମାମଲାରେ ସମ୍ପୃକ୍ତ ଥିବା ଆଶିଷ ୧୨୦ ଜଣ ଚାଷୀଙ୍କ ନାଁରେ ମୋଟ ୧ କୋଟି ୧୪ ଲକ୍ଷ ୨୨ ହଜାର ଟଙ୍କା ଠକେଇର ପ୍ରମାଣ ପୁଲିସ ପାଇଛି । ନୟାଗଡ଼ ଏସଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ନେତୃତ୍ୱରେ ଇଟାମାଟି ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଆଶିଷ ଭୁବନେଶ୍ୱର ରହୁଥିବା ଖବରପାଇ ପୁଲିସ ଚଢ଼ଉ କରିଥିଲା । ଇଟାମାଟି ଥାନା ଏସଆଇ ଗୋପବନ୍ଧୁ ମଲ୍ଲିକଙ୍କ ନେତୃତ୍ୱରେ ଏଟ ଟିମ୍ ଚଢ଼ଉ କରି ଆଶିଷକୁ ବରମୁଣ୍ଡା ଅଞ୍ଚଳରୁ ଧରିଥିବା ସୂଚନା ମିଳିଛି । ପୁଲିସ ଆଶିଷକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଜଗଦୀଶ କର ସୂଚନା ଦେଇଛନ୍ତି ।

## କାରାଗାର ଅନ୍ତେବାସୀଙ୍କୁ ଦକ୍ଷତା କୌଶଳ ତାଲିମ



ନୟାଗଡ଼, ୧୩ା୧୧(ସମିସ): ନୟାଗଡ଼ ଜିଲ୍ଲା କାରାଗାରଠାରେ ଜେଲ ଅନ୍ତେବାସୀମାନଙ୍କ ପାଇଁ ଏକ ବିଶେଷ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ. ସୁଶ୍ରୀ ଉଦଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଦୁର୍ଗା ଚରଣ ଦାସ, ଜିଲ୍ଲା କାରାଗାରର ଅଧୀକ୍ଷକ ପ୍ରଫୁଲ୍ଲ କୁମାର କବି, ସରକାରୀ ତାଲିମ ପ୍ରତିଷ୍ଠାନ ନୟାଗଡ଼ର ଅଧ୍ୟକ୍ଷ କାନ୍ତି ରଞ୍ଜନ ସାହୁ ଏବଂ ସିପିଆଇଟି ସଂସ୍ଥାର ଓଡ଼ିଶା ମୁଖ୍ୟ ଅନିକେତ୍ ଦାଶ ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ଜିଲ୍ଲା କାରାଗାରର ୬୦ ଜଣ ଅନ୍ତେବାସୀଙ୍କୁ ଇଲେକ୍ଟ୍ରିକାଲ ଟେକନିସିଆନ ଏବଂ ଏଲଇଡି ଲାଇଟ୍ ଟେକନିସିଆନ ବିଭାଗରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟାନ୍ୟ ଉପସ୍ଥିତ ଅଧିକାରୀମାନେ ଅନ୍ତେବାସୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ ।

## ଓଡ଼ଗାଁରେ ବୃଦ୍ଧି ପାଉଛି ଧର୍ମାନ୍ତରୀକରଣ

ଓଡ଼ଗାଁ, ୧୩ା୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ ହିନ୍ଦୁ ଧର୍ମାବଲମ୍ବୀଙ୍କୁ ନାନା ପ୍ରଲୋଭନ ଦେଖାଇ ଗୋପନୀୟତାର ସହିତ ଧର୍ମାନ୍ତରୀକରଣ ଚାଲୁ ରହିଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉକ୍ତ ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି । ବିଶେଷ କରି ଅନ୍ୟ ଗୋଟିଏ ସମ୍ପ୍ରଦାୟର କିଛି ମୁଷ୍ଟିମେୟ ଲୋକ ହିନ୍ଦୁଧର୍ମକୁ ଛାଡ଼ି ତାଙ୍କ ଧର୍ମ ଗ୍ରହଣ କରିବା ପାଇଁ ଅନେକ ପ୍ରଲୋଭନ ଦେଖାଇ ଆକର୍ଷିତ କରୁଛନ୍ତି । ଏମିତିକି ସାମାଜିକ ଗଣମାଧ୍ୟମରେ ହିନ୍ଦୁ ଦେବଦେବୀଙ୍କ ବିରୋଧ ବିଭିନ୍ନ ନକରାତ୍ମକ ଫଟୋ ଭିଡିଓ ଛାଡ଼ିବାର ମଧ୍ୟ ଦେଖାଯାଇଛି । ହିନ୍ଦୁ ଦେବାଦେବୀ ପାଷାଣର ମୂର୍ତ୍ତି ହୋଇଥିବା ବେଳେ ସେମାନେ ତୁମର କୌଣସି ସମସ୍ୟା ସମାଧାନର କାରଣ ହୋଇପାରିବେ ନାହିଁ । ଏପରିକି ଗୁପ୍ତ ଅଯୋଧ୍ୟା ସ୍ୱର୍ଣ୍ଣ କଳସ କ୍ଷେତ୍ର ଭାବେ ପରିଚିତ ଓଡ଼ଗାଁ ଠାରେ ବିଜେ ପ୍ରଭୁ ରଘୁନାଥ ଜିଉଙ୍କ ମନ୍ଦିର ଠାରୁ ୨ ଶହ ମିଟର ଦୂରରେ ଥିବା ଗୋଟିଏ ଜନବସତିର କିଛି ଲୋକ ହିନ୍ଦୁଧର୍ମ ପରିତ୍ୟାଗ କରି ଅନ୍ୟ ଧର୍ମ ଗ୍ରହଣ କରିବା ଘଟଣା ଏବେ ଚିନ୍ତାଜନକ ହୋଇପଡ଼ିଛି । ଓଡ଼ଗାଁ ଏନ୍ଏସି ଅଞ୍ଚଳରେ ଧର୍ମାନ୍ତରଣ ଦ୍ରୁତ ବୃଦ୍ଧି ପାଉଥିବା ବେଳେ ଗ୍ରାମାଞ୍ଚଳରେ ମଧ୍ୟ ସେହିପରି ଧର୍ମାନ୍ତରୀକରଣ ଅନୁରୁପ ଭାବେ ବୃଦ୍ଧି ପାଇଛି । ସେମାନେ ଅନ୍ୟ ଧର୍ମ ଗ୍ରହଣ କରିଥିବାକୁ ଗୋପନ ରଖି ପୂର୍ବଭଳି ହିନ୍ଦୁ ଦେବାଳୟ ଓ ମେଳା ମହୋତ୍ସବରେ ନିଜକୁ ସାମିଲ କରି ଧର୍ମାନ୍ତରଣ କାର୍ଯ୍ୟକୁ ଚାଲୁ ରଖିଛନ୍ତି । ବିଶେଷ କରି ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କୁ ଡବଲ ଲାଭ ପାଇବାରେ ପ୍ରଲୋଭିତ କରୁଥିବା ଦେଖାଯାଇଛି । ଗୋଟିଏ ହେଲା ଅନୁସୂଚିତ ଜାତି ଓ ଜନଜାତି ପାଇଁ ଏବଂ ଅନ୍ୟଟି ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ଏହିପରି ଏକାବେଳେ ୨ ସଂରକ୍ଷଣ ସୁବିଧା ହାସଲ କଥା କହି ଧର୍ମାନ୍ତରୀକରଣ କରାଯାଉଛି । ଗୌଡପୁଟ ପଞ୍ଚାୟତ ମାଙ୍କଡଖିଆ ଅଞ୍ଚଳକୁ ଉକ୍ତ ସମ୍ପ୍ରଦାୟର ଶ୍ମଶାନ ନିର୍ମାଣ ପାଇଁ ୨ ଏକର ଜାଗା ଲିଜ ସୂତ୍ରରେ ଅଧିଗ୍ରହଣ ନିମନ୍ତେ ୨୦୨୧ ମସିହାରେ ଓଡ଼ଗାଁ ତହସିଲଦାରଙ୍କ ନିକଟରେ ଆବେଦନ ହୋଇଥିଲା । ୨୦୨୪ ରେ ଧର୍ମାନ୍ତରୀତ ହୋଇଥିବା ସେହି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ପ୍ରାୟ ୫୫ ରୁ ୬୦ ଲୋକ ଏହି ଶ୍ମଶାନ ଲିଜ କେସ ନିମନ୍ତେ ଓଡ଼ଗାଁ ତହସିଲଦାରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲେ । ଏକଥା ପ୍ରଘଟ ହେବା ପରେ ହିନ୍ଦୁ ରକ୍ଷକ ଗୋଷ୍ଠୀ ଧର୍ମାନ୍ତରୀକରଣକୁ ରୋକିବା ପାଇଁ ସଜବାଜ ହେଉଥିବା ଜଣାଯାଇଛି ।



ଓଡ଼ଗାଁସ୍ଥ ଶ୍ରୀ ରଘୁନାଥ ଜୀଉଙ୍କ ମତ୍ସ୍ୟ କଚ୍ଛପ ବେଶ



ଖଣ୍ଡପଡ଼ାସ୍ଥ ରାଜବାଟିସ୍ଥିତ ପତିତପାବନଙ୍କ ଗରୁଡ଼ ବେଶ



ଶରଣକୁଳସ୍ଥ ଶ୍ରୀ ଜଗନ୍ନାଥଙ୍କ ଗିରି ଗୋବର୍ଦ୍ଧନ ବେଶ

### ■ ବୋଇତ ବନ୍ଦାଣ ତୃତୀୟ ସନ୍ଧ୍ୟା

## ମେଲୋଡିରେ ଝୁମିଲେ ଦର୍ଶକ



ନୟାଗଡ଼, ୧୩ା୧୧(ସମିସ) : ନୟାଗଡ଼ ପୁରୁଣା ସହର ମଣ୍ଡାବାଗାନ ପଡ଼ିଆରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ ତୃତୀୟ ସନ୍ଧ୍ୟାରେ ବେଶ ଗହଳି ଲାଗି ରହିଥିଲା । ଅନୁଷ୍ଠିତ ହେଉଥିବା ଉତ୍ସବର ମଜା ଉଠାଇବା ସହ ଲୋକମାନେ ଚଟପଟି ଖାଦ୍ୟ ଷ୍ଟଲରେ ଭିଡ଼ ଜମାଇଥିଲେ । ପ୍ରଥମେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

● ମେଲୋଡିରେ ଝୁମିଲେ ଦର୍ଶକ

ନୟାଗଡ଼ର ବିଭିନ୍ନ ଡ୍ୟାନ୍ସ ଗ୍ରୁପ ଏବଂ ଶିକ୍ଷାନୁଷ୍ଠାନ କଳାକାର ଅଂଶ ଗ୍ରହଣ କରିଥିଲେ । ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ଏବଂ କାଉନସିଲରମାନେ ଉପସ୍ଥିତ ରହିଥିଲେ । ମେଲୋଡି ସାଗର ସଙ୍ଗମ ଏବଂ କଣ୍ଠଶିଳ୍ପୀ ତାରିକ ଅଜିଜ୍ ଶୀତୁଆ ସନ୍ଧ୍ୟାକୁ ରୋମାଞ୍ଚ ଭରିଥିଲେ । ମେଲୋଡ଼ି କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା । ଏହା ସହିତ ଗୁରୁ ନିରଞ୍ଜନ ରାଉତଙ୍କ ନୂପୁର ମଧ୍ୟ ବେଶ ଆକର୍ଷଣୀୟ ଥିଲା ।

## ଡିସେମ୍ବର ୨୭ ରୁ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା




ଖଣ୍ଡପଡ଼ା, ୧୩ା୧୧(ସମିସ) : ଖଣ୍ଡପଡ଼ା ଶୁଭ କଲ୍ୟାଣ ମଣ୍ଡପ ପରିସରରେ ୯ମ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୨୪ ନିମନ୍ତେ ଖଣ୍ଡପଡ଼ା କଳାବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହୋତ୍ସବ କମିଟିର ନୂତନ ଅଧ୍ୟକ୍ଷ ତଥା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେବା ସହିତ ମହୋତ୍ସବ ନିମନ୍ତେ ସମସ୍ତ ସରକାରୀ ଅଧିକାରୀଙ୍କୁ ଆନ୍ତରିକତାର ସହ ସହଯୋଗ କରିବା ପାଇଁ ପ୍ରସ୍ତାବ ରଖିଥିଲେ । ଖଣ୍ଡପଡ଼ା ମହୋତ୍ସବ ଡିସେମ୍ବର ୨୭ ରୁ ୩୧ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବା ପାଇଁ ଖସଡ଼ା ପ୍ରସ୍ତୁତ ହଇଛି । ବୈଠକରେ ବିଡିଓ ଅଙ୍କୁର ଅଭିଳାଷ, ଅତିରିକ୍ତ ତହସିଲଦାର ସୋମେଶ ରଣ ବିଜୁଳି, ଏନଏସି ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ସଂଯୋଜକ ରମେଶ କୁମାର ମହାନ୍ତି ମହୋତ୍ସବରେ ବ୍ୟୟ ଅଟକଳ ବାବଦରେ ସୂଚନା ଦେବା ସହିତ ବିଭିନ୍ନ ବିଭାଗର ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି ଆଇନଶୃଙ୍ଖଳା ଏବଂ ଟ୍ରାଫିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନିମନ୍ତେ ନିଜର ମତ ରଖିଥିଲେ । ଆବାହକ ଦୀନବନ୍ଧୁ ଦାସ ମହୋତ୍ସବର ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡିକ ପ୍ରତି ସମସ୍ତେ ଯତ୍ନବାନ ହେବା ପାଇଁ ନିଜର ମତ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩ଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ କେନ୍ଦ୍ରୀୟ ଟିମ୍‌ର ପ୍ରଶଂସା

ନୟାଗଡ଼, ୧୩ା୧୧(ସମିସ) : କିଛିଦିନ ତଳେ ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନରେ ଆସିଥିବା କେନ୍ଦ୍ରୀୟ ପ୍ରତିନିଧି ଦଳ ୩ଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉଚ୍ଚ ପ୍ରଶଂସା କରିଛନ୍ତି । ୭ଟି ବିଷୟ ଉପରେ କେନ୍ଦ୍ରୀୟ ପ୍ରତିନିଧି ଦଳ ଅନୁଧ୍ୟାନ କରିଥିବା ବେଳେ ଜିଲ୍ଲାର ଖଇରଗାଡ଼ିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ୯୧ ପ୍ରତିଶତ ମାର୍କ ପ୍ରଦାନ କରାଯାଇଛି । ସେହିଭଳି ଭାବେ ରାଇପଡ଼ା ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ୯୪ ପ୍ରତିଶତ, ଲୋଧାଚୁଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ୯୦ ପ୍ରତିଶତ ମାର୍କ ମିଳିଛି । ଗତ ସପ୍ତାହରେ କେନ୍ଦ୍ରୀୟ ପ୍ରତିନିଧି ଦଳ ଅନୁଧ୍ୟାନ କରି ଫେରିଥିଲେ ।

## ୧୭ରେ ଭକ୍ତି ସଙ୍ଗୀତ ପ୍ରତିଯୋଗିତା

ଖଣ୍ଡପଡ଼ା, ୧୩ା୧୧(ସମିସ) : ସଙ୍ଗୀତଧାରା ସିଜିନ-୨ ଭକ୍ତି ସଙ୍ଗୀତ ପ୍ରତିଯୋଗିତାର ଖଣ୍ଡପଡ଼ା ବ୍ଲକ ଅଡିସନ ଆସନ୍ତା ୧୭ ତାରିଖ ରବିବାର ଦିନ ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଶାନ୍ତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସମାଜସେବୀ ପ୍ରମୋଦ ପଟ୍ଟନାୟକ ଅଧ୍ୟକ୍ଷତା କରି ପ୍ରତିଯୋଗିତାର ଆଭିମୁଖ୍ୟ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ପ୍ରସ୍ତୁତି ବୈଠକରେ ସଙ୍ଗୀତଧାରାର ସଂଯୋଜକ ଲକ୍ଷ୍ମୀଧର ସାହୁଙ୍କ ସମେତ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ରଥ, ସଙ୍ଗୀତଧାରାର ବରିଷ୍ଠ ସଦସ୍ୟ ପ୍ରଶାନ୍ତ ପଟ୍ଟନାୟକ, ଦୀନବନ୍ଧୁ ସାହୁ, ଦେବାଶିଷ ରଥ, ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ ।

## ଜିଲ୍ଲାସ୍ତରୀୟ ପୋଷ୍ୟ ସନ୍ତାନ ଗ୍ରହଣ ତାଲିମ ଶିବିର



ନୟାଗଡ଼, ୧୩ା୧୧(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ଗ୍ରହଣ ମାସ ପାଳନ ଅବସରରେ ଏକ ସଚେତନତା ରଥର ଶୁଭ ଉଦଘାଟନ କରାଯାଇଥିଲା । ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଦିଲିପ କୁମାର ବଳଙ୍କ ଅଧ୍ୟକ୍ଷତାରେ ପୋଷ୍ୟ ସନ୍ତାନ ଗ୍ରହଣ କର୍ମଶାଳାରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ କିଶୋର ଚନ୍ଦ୍ର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସିବିୟନ ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଅର୍ଚ୍ଚନା କଅଁର, ଉପ ଆରକ୍ଷୀ ଅଧୀକ୍ଷକ ହେମନ୍ତ ରାଓ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ସୁବାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ସଂଯୋଗ ପ୍ରଶାନ୍ତ କୁମାର ପାଲଟାସିଂ ସଂସାଧନ ସଦସ୍ୟ ଭାବେ ଯୋଗ ଦେଇ ଜିଲ୍ଲାରେ ପୋଷ୍ୟ ସନ୍ତାନ ଗ୍ରହଣ କିଭଳି ଭାବେ ଅଭିବୃଦ୍ଧି ଘଟିବ ଓ ପ୍ରତିପାଳକ ଯତ୍ନ ବ୍ୟବସ୍ଥାର ସଠିକ୍ କାର୍ଯ୍ୟକାରୀ ହୋଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଚାଇଲଡ୍ ହେଲପ୍ ଲାଇନର ସୁଦୂର ପ୍ରସାର ନିମନ୍ତେ ପୋଷ୍ଟର ଗୁଡ଼ିକୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ । ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦମ୍ପତିଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର, ନର୍ସିଂ ହୋମର କର୍ମକର୍ତ୍ତା, ସାମାଜିକ ଅନୁଷ୍ଠାନ, ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନର ତତ୍ତ୍ୱାବଧାରକ, ଆଶା ସଂଯୋଜକ ପ୍ରମୁଖ ଯୋଗ ଦେଇଥିଲେ ।

## କୋମଣ୍ଡ ମାଙ୍କଡ଼ା ଖଣି ବେଆଇନ କାରବାର

# ମଧ୍ୟସ୍ଥ ସାଜିଥିବା ବିଜେପି ନେତା କିଏ ?

ନୟାଗଡ଼, ୧୩ା୧୧(ସମିସ)



ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ ଅନ୍ତର୍ଗତ କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳରେ ବେଆଇନ ମାଙ୍କଡ଼ା ଖଣି କାରବାରରେ ବିଜେପି ନେତା ସାଜିଛନ୍ତି ମଧ୍ୟସ୍ଥି । ଜନୈକ ଜିଲ୍ଲାସ୍ତରୀୟ ନେତା ଏହି ବେଆଇନ କାରବାର ପୃଷ୍ଠପୋଷକ ସାଜିଥିବା ଅଭିଯୋଗ ହୋଇଛି । ଉକ୍ତ ନେତା ଜଣଙ୍କ ଥାନାଠୁ ତହସିଲ, ଖଣି ବିଭାଗ ପର୍ଯ୍ୟନ୍ତ ସବୁ କିଛି ବୁଝାଶୁଝା କରିବାକୁ ଖଣି ଓ ଗାଡ଼ି ମାଲିକଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି ଚାଲିଛନ୍ତି । ଦୀର୍ଘଦିନ ତଳୁ ବନ୍ଦ ଥିବା ଏହି ବେଆଇନ ମାଙ୍କଡ଼ା ପଥର ଖନନକୁ ପୁଣି ଚାଲୁ କରିବା ଏବଂ ସମସ୍ତ କଥାକୁ ମ୍ୟାନେଜମେଣ୍ଟ କରିବା ପାଇଁ ସମ୍ପୃକ୍ତ ନେତା ତିନିମାସ ହେଲା ଚାନ୍ଦା ଅର୍ଥକୁ ହରିଲୁଟ କରୁଛନ୍ତି । ଜନୈକ ପ୍ରଶାସନିକ ଅଧିକାରୀଙ୍କ ଅଭୟ ବାଣୀରେ ସମ୍ପୃକ୍ତ ନେତା ବେଶ ଅର୍ଥ ଆଦାୟ କରୁଥିବା ବେଳେ କୋମଣ୍ଡ ଅଞ୍ଚଳରେ ଏହାକୁ ନେଇ ରୋଚକ ପରିସ୍ଥିତି ସୃଷ୍ଟି ହୋଇଛି । ଦୁଇ ଦିନ ତଳେ ପୁଲିସ ଖଣି ଅଞ୍ଚଳରେ ଚଢ଼ଉ କରି ମାଙ୍କଡ଼ା ବୋଝେଇ ଟ୍ରକ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିବା ପରେ ଏଭଳି ସ୍ଥିତି ସାମ୍ନାକୁ ଆସିଛି । ଟଙ୍କା ଆଦାୟ କରିଥିବା ନେତାଙ୍କୁ ପାନେ ଚଖାଇବା ପାଇଁ ଖଣି ଓ ଗାଡ଼ି ମାଲିକ ଖୋଜି ବୁଲୁଥିବା ବେଳେ ସମ୍ପୃକ୍ତ ନେତା ଜଣଙ୍କ ଏବେ ମୁହଁ ଦେଖାଉ ନାହାନ୍ତି । ସବୁକିଛି ମ୍ୟାନେଜ କରିବା ଆଳରେ ଟଙ୍କା ଆଣୁଥିବା ବେଳେ ତଳୁ ଉପର ଯାଏଁ କୌଣସି ସ୍ଥାନରେ ଚାନ୍ଦା ପହଞ୍ଚୁ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । କୃଷି ଓ କୃଷକର ଉନ୍ନତି କରିବା ପାଇଁ ବିଜେପି ଦ୍ୱାରା ଦାୟିତ୍ୱପ୍ରାପ୍ତ ଏହି ନେତାଙ୍କ ପାଇଁ ଏବେ ସ୍ଥାନୀୟ ଅଞ୍ଚଳର ଚାଷ ଉଜୁଡ଼ିବାକୁ ବସିଛି । ବେଆଇନ ମାଙ୍କଡ଼ା ଖଣି କାରବାରକୁ ସ୍ଥାନୀୟ ଲୋକେ ବିରୋଧ କରୁଥିବା ବେଳେ ଏହି ବିଜେପି ନେତା ପ୍ରୋତ୍ସାହନ ଯୋଗାଇବା ଏବଂ ମାଫିଆଙ୍କୁ ସୁରକ୍ଷା ଦେଉଛନ୍ତି । ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯାଇ ଫେରାଦ ହେବେ ବୋଲି ସୂଚନା ମିଳିଛି ।

# ପଞ୍ଚୁକ ଦ୍ୱିତୀୟ ଦିନ; ବାଙ୍କଚୂଡ଼ା ବେଶରେ ଶ୍ରୀରଙ୍କନାଥ ଦେବ

**ବାଣପୁର,୧୩।୧୧(ସମିସ);** ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀ ଶ୍ରୀ ରଙ୍କନାଥ ଦେବଙ୍କ ଦୀର୍ଘ ୨୫ଦିନ ଧରି ରାଧାଦାମୋଦର ବେଶରେ ଦର୍ଶନ ଦେବା ପରେ ପଞ୍ଚୁକ ପାଞ୍ଚ ଦିନ ପ୍ରଭୁ ପାଞ୍ଚ ପ୍ରକାର ବେଶରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେଉଛନ୍ତି। ପଞ୍ଚୁକ ଦ୍ୱିତୀୟ ଦିବସ ତଥା ପବିତ୍ର କାର୍ତ୍ତିକ ଶୁକ୍ଳ ଗରୁଡ଼ ଦ୍ୱାଦଶୀ ତୁଳସୀ ବିବାହ ଉପଲକ୍ଷେ ବୁଧବାର ପ୍ରଭୁ



ବାଙ୍କଚୁଡା ବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶରେ ଶ୍ରୀଜିଉ ଶ୍ରୀମସ୍ତକରେ ସ୍ୱର୍ଣ୍ଣ କିରୀଟ, କୁଣ୍ଡଳ , ଶ୍ରୀଭୁଜ ଶ୍ରୀପୟର ଆଡ଼କାନି, ଓଡ଼ିଆଣି ହରଡ଼ ମାଳି, କଦମ୍ବ ମାଳି, ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ର ଦେବ ହଳ, ମୁଷଳ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସେବକ ସୋମନାଥ ହୋତା ଶ୍ରୀଜୀଉଙ୍କୁ ପ୍ରତ୍ୟହ ବେଶ କରିଥିବା ବେଳେ ଏହି ଅପୂର୍ବ ବେଶ ଦର୍ଶନ କରି ଶ୍ରଦ୍ଧାଳୁ ନିଜକୁ ଧନ୍ୟ ମନେ କରିଛନ୍ତି। ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଦେବଦତ୍ତ ପାଣି, ଦାସରଥି ସାହୁ, ବାଳମୁକୁନ୍ଦ ଦାସ, ପଦ୍ମଚରଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସୁପରିଚାଳନା କରୁଛନ୍ତି।

# ପଞ୍ଚୁକ ଉପଲକ୍ଷେ ବିଭିନ୍ନ ଶୈବପୀଠ ଚଳଚଞ୍ଚଳ

**ବାଲୁଗାଁ,୧୩।୧୧(ସମିସ):** ସମଗ୍ର ବାଲୁଗାଁ ବାଣପୁର ଅଞ୍ଚଳର ପ୍ରତିଷ୍ଠିତ ଶୈବପୀଠ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ପଞ୍ଚୁକ ଅବସରରେ ବିପୁଳ ସଂଖ୍ୟାରେ ମହିଳା ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ହବିଷ୍ୟାଳୀମାନେ ପ୍ରତ୍ୟହ ଦେବ ଦର୍ଶନ କରୁଛନ୍ତି। ଅନ୍ୟତମ ଶୈବ ପୀଠ ଇଂଜନପୁର ସ୍ଥିତ ଗବପଦର ବିଜେ ଶ୍ରୀ ରାମେଶ୍ୱରଦେବ, ସିଙ୍ଗେଶ୍ୱରସ୍ଥିତ ସିଙ୍ଗୀନାଥ ଦେବ, ସୁବୁଦ୍ଧିପାଟଣାସ୍ଥିତ ଶ୍ରୀ ଜଗତେଶ୍ୱର ଦେବ, ଧୂଆଁଳସ୍ଥିତ ଶ୍ରୀ ଧବଳେଶ୍ୱର ଦେବ, ଗାଲୁଆସ୍ଥିତ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ଦେବ ପୀଠ, ମାଳି ଗୋବିନ୍ଦପୁରସ୍ଥିତ ଶ୍ରୀ ଗତିଶ୍ୱର ଦେବ ଓ ନାଚୁଣୀ ସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ଆଦି ଶୈବ ପୀଠମାନଙ୍କରେ ପ୍ରବଳ ଜନସମାଗମ ହୋଇଥିଲା। ହବିଷ୍ୟାଳୀ ତଥା ଶ୍ରଦ୍ଧାଳୁଙ୍କ ସମାଗମରେ ଶୈବପୀଠ ଗୁଡ଼ିକ ଚଳଚଞ୍ଚଳ ହୋଇପଡ଼ିଛି।

# ଟ୍ରିପଲ 'ଏ'ର ବାର୍ଷିକ କ୍ରୀଡ଼ାଉତ୍ସବ ଉଦ୍ୟାପିତ

**ଖୋର୍ଦ୍ଧା,୧୩।୧୧(ସମିସ):** ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ର ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏକଲବ୍ୟ ପୁରସ୍କାରପ୍ରାପ୍ତ ନୌଚାଳିକା ପ୍ରତିମା ପୁହାଣ ଓ ଅନ୍ୟତମ ଅତିଥି ଭାବରେ




ବିଦ୍ୟାଳୟର ପ୍ରତିଷ୍ଠାତା ଡା. ନନ୍ଦକିଶୋର ପଟ୍ଟନାୟକ, ଅଧ୍ୟକ୍ଷା ଦିପ୍ତିମୟୀ ମହାନ୍ତି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସଭାପତି, ପ୍ରତିଷ୍ଠାତା ଓ ଅଧ୍ୟକ୍ଷା ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ କ୍ରୀଡ଼ା ପତାକାକୁ ଅବତରଣ କରିବା ସହ ଲାଲ ପତାକା ହଲାଇ କ୍ରୀଡ଼ା ଉତ୍ସବକୁ ସମାପ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଏକାଦଶ ଶ୍ରେଣୀର ଛାତ୍ରୀ ପାୟଲ ଓ ଅନନ୍ୟା ସଂଚାଳନ କରିଥିବା ବେଳେ ଓଡିଆ ବିଭାଗ ମୁଖ୍ୟ ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବକୁ କ୍ରୀଡ଼ା ଶିକ୍ଷକ ଚିରଞ୍ଜିତ ଶିଠ ପରିଚାଳନା କରିଥିଲେ।

# ତାରିଣୀ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ

**ବେଗୁନିଆ,୧୩।୧୧(ସମିସ):** ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହା ପାଟଣା ଗ୍ରାମସ୍ଥିତ ମା' ତାରିଣୀ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଦମ୍ପତି ଗଗନ ବିହାରୀ ପଣ୍ଡା ଓ ସବିତା ପଣ୍ଡା ଉପବିଷ୍ଟ ହୋଇଥିବା ବେଳେ ପଣ୍ଡିତ ଗୋପୀନାଥ ମହାପାତ୍ରଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁସାରେ ଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥଲା। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

# ଆଜି ବଡ଼ଓଷା ▸ ସଜେଇ ହୋଇଛି ବାବା ଧବଳେଶ୍ୱରଙ୍କ ପୀଠ

**ଖୋର୍ଦ୍ଧା,୧୩।୧୧(ସମିସ)**

ଆଜି ବଡଓଷା। ଚଳଚଞ୍ଚଳ ହୋଇଛି ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ବାବା' ଧବଳେଶ୍ୱରଙ୍କ ପୀଠ। ଜିଲ୍ଲାର ପ୍ରମୁଖ ଶୈବପୀଠ ଭାବେ ପରିଚିତ ଏହି ପୀଠରେ ବଡଓଷା ପର୍ବ ତିନି ଦିନ ଧରି ଚାଲିବ। ରଙ୍ଗିନ ଆଲୋକମାଳାରେ ଝଲସୁଛି ମନ୍ଦିର। ମନ୍ଦିରଠାରୁ ରାସ୍ତାର ଉଭୟ ପାଶ୍ୱର୍ରେ ପ୍ରାୟ ୧ କିଲୋମିଟର ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଉଠା ଦୋକାନୀ ପସରା ମେଲାଇଛନ୍ତି। ବଡଓଷାରେ ମାନସିକଧାରୀମାନେ ଗଜଭୋଗ ଓ ଅଟକାଳୀ ଭୋଗ କରିବା ଲାଗି ଆଜିଠାରୁ ଧାଡି ଲଗାଇଲେଣି।



ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ଏକ କିମ୍ବଦନ୍ତୀ ରହିଛି। ପ୍ରାୟ ୧୩୦୦ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାର ଗଜପତି ରାଜା ନିୟମିତ କଟକସ୍ଥିତ ଗଡ଼ଗଡ଼ିଆ ମହାଦେବଙ୍କ ଦର୍ଶନ ପାଇଁ ଯାଆନ୍ତି। ଥରେ ଏକସପ୍ତାହ ବ୍ୟାପି ପ୍ରବଳ ବର୍ଷା ଲାଗି ରହିଲା। ରାଜା ଆଉ ଦର୍ଶନ କରବାକୁ ଯାଇପାରିଲେନି। ମନରେ ଗଭୀର ଦୁଃଖ ସୃଷ୍ଟି ହେଲା। ସ୍ୱପ୍ନାଦେଶ ହେଲା ରାଜା ! ତୁମେ ଗୁରୁଜଙ୍ଗର ପଶ୍ଚିମ କୋଣକୁ ଯାଅ, ଦେଖିବ ସେଠାରେ ଏକ କାଳି ଗାଈ ପହ୍ନାରୁ କ୍ଷୀର ଝରୁଥିବ। ସେହିଠାରେ ମୋର ଦର୍ଶନ ପାଇବ। ସତକୁ ସତ ସ୍ୱପ୍ନାଦେଶ ଅନୁଯାୟୀ ରାଜା ଏପରି ଅଦ୍ଭୁତଦୃଶ୍ୟ ଦେଖି ବିଶ୍ୱାସ କରିପାରିଲେନି ଏବଂ ଘଟଣାସ୍ଥଳରୁ ଶିବ ଲିଙ୍ଗର ସନ୍ଧାନ ପାଇ ସେଠାରେ ମନ୍ଦିର ପ୍ରତିଷ୍ଠା କରାଇଥିଲେ। ଏହାପରେ ଗ୍ରାମର ଜଣେ ବ୍ୟକ୍ତିଙ୍କର ଏକ କଳା ବଳଦ ଉକ୍ତ ମନ୍ଦିରରେ ପଶିଯାଇଥିଲା। ଉକ୍ତ ବଳଦ ମାଲିକ ଏବଂ କିଛି ଗ୍ରାମବାସୀ କଳା ବଳଦକୁ ଖୋଜିବାକୁ ବାହାରି ମନ୍ଦିର ନିକଟରେ ପହଁଚିଥିଲେ। ମାତ୍ର ମନ୍ଦିର ଭିତରୁ ଉକ୍ତ ବଳଦ ଧଳା ହୋଇ ବାହାରିଥିଲା ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। ସେବେଠାରୁ ଠାକୁରଙ୍କ ନାମ ଧବଳେଶ୍ୱର ହୋଇଥିବା ସ୍ଥାନୀୟ ଲୋକେ କୁହନ୍ତି। ତେବେ ବଡଓଷା ଏଠାକାର ବଡପର୍ବ ହୋଇଥିବାବେଳେ ବାବା ଧବଳେଶ୍ୱରଙ୍କ ଦର୍ଶନ ନିମନ୍ତେ ହଜାର ଭକ୍ତଙ୍କ ସମାଗମ ହେବ। ବଡ ଓଷା ପର୍ବ ନିମନ୍ତେ ପ୍ରବଳ ଭିଡ ହେବା ଆଶଙ୍କା କରି ଭିଡ ନିୟନ୍ତ୍ରଣ କରିବାକୁ ଜିଲ୍ଲା ପୁଲିସ ତରଫରୁ ଏସଡିପିଓ ଅନୀଲ ମହାନ୍ତିଙ୍କ ନେତୃତ୍ୱରେ ୨ଇନ୍ସପେକ୍ଟର, ସବ ଇନ୍ସପେକ୍ଟର ଓ ଏଏସଆଇ ମିଶି ୬ଜଣଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଥିବା ଜଣାଯାଇଛି। ଏଥିସହିତ ମନ୍ଦିର ଟ୍ରଷ୍ଟି ତରଫରୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ଧାଡି ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି।

# ବିପୁଳ ପୋଚ ଓ ଦେଶୀ ମଦ ଜବତ

**ବେଗୁନିଆ,୧୩।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷୀକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଜିଲ୍ଲା ସଦର ରେଞ୍ଜ ଅବକାରୀ ବିଭାଗ ଅଧିକାରୀ ତପସ୍ୱିନୀ ବରାଳଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୫ ହଜାର କେଜି ପୋଚ, ୬୮୦ ଲିଟରର ଦେଶୀ ମଦ ଓ ବ୍ୟବହୃତ ସାମଗ୍ରୀ ଜବତ କରି ନଷ୍ଟ କରିଛି । ବେଗୁନିଆ ଅବକାରୀ ବିଭାଗ ଉପ ନିରୀକ୍ଷିକା ସ୍ମିତା ପଣ୍ଡାଙ୍କ ସୂଚନା ଅନୁଯାୟୀ ବୋଲଗଡ ଥାନା ଅନ୍ତର୍ଗତ ଅସରଳା ଗ୍ରାମରୁ ୫ ହଜାର କେଜି ପୋଚ ଓ ୬୦୦ ଲିଟର ଦେଶୀ ମଦ ସହ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଜଙ୍କିଆ ଥାନା ଅନ୍ତର୍ଗତ କଲରାଝର ଗ୍ରାମର ବିକ୍ରମ ଜୟସିଂହ ୮୦ ଲିଟରର ଦେଶୀ ମଦ ପ୍ରସ୍ତୁତ କରୁଥିବା ବେଳେ ଅତର୍କିତ ଭାବେ ଚଢ଼ଉ କଲାବେଳେ ସେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ଚଢ଼ଉରେ ସହକାରୀ ଉପନିରୀକ୍ଷକ ବିରଞ୍ଚି ନାରାୟଣ ମହାନ୍ତି, ସିପାହୀ ବିକାଶ ଚନ୍ଦ୍ର ରାଉତ ଓ ମନୋଜ ଜୟସିଂହ, ଚିନ୍ମୟୀ ସେଠୀ ପ୍ରମୁଖ ସାମିଲ ହୋଇଥିଲେ ।

# ମୋବାଇଲ୍ ଲୁଟେରା ଗିରଫ

**ବାଲୁଗାଁ,୧୩ ।୧୧(ସମିସ) :** ବାଲୁଗାଁ ରେଳବାଇ ପୁଲିସ ମଙ୍ଗଳବାର ରାତିରେ ପ୍ଲାଟଫର୍ମ ପରିସରରୁ ଜଣେ ମୋବାଇଲ ଲୁଟେରାକୁ ଗିରଫ କରିବା ସହ ତା' ନିକଟରୁ ଦୁଇଟି ଲୁଟ ଫୋନ ଜବତ କରିଛି। ଗିରଫ ଲୁଟେରା ହେଲେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ରାଜାପୁର ଗ୍ରାମର ଦୀପକ କୁମାର ସାହୁ (୨୪) । ଜବତ ମୋବାଇଲର ମୂଲ୍ୟ ୨୫ ହଜାର ଟଙ୍କା ହେବ ବୋଲି ଜଣାଯାଇଛି। ପୁଲିସ ଏକ ମକଦ୍ଦମା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ ମଙ୍ଗଳବାର ବ୍ରହ୍ମପୁର ଷ୍ଟେସନରେ ଯାତ୍ରୀମାନେ ମୋବାଇଲ ଚାର୍ଜରେ ବସାଇଥିବା ବେଳେ ଦୀପକ କୌଶଳ କ୍ରମେ ଦୁଇଟି ମୋବାଇଲ ଚୋରି କରି ନେଇଥିଲା। ଏ ନେଇ ଅଭିଯୋଗ ହେବା ପରେ ବ୍ରହ୍ମପୁର ଜିଆରପିଠାରୁ ଖବର ପାଇ ବାଲୁଗାଁ ରେଲୱେ ପୁଲିସ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏକ ଟିମ ଲୁଟେରାକୁ ଧରିବା ପାଇଁ ଜାଲ ବିଛାଇ ଥିଲା। ସନ୍ଧ୍ୟାରେ ଲୁଟେରା ଦୀପକ ସନ୍ଦେହଜନକ ଭାବେ ବାଲୁଗାଁ ଷ୍ଟେସନରେ ବୁଲୁଥିବା ବେଳେ ତାକୁ ଧରି ପଚରାଉଚରା କରିବାରେ ସେ ଚୋରି କରିଥିବା ସ୍ୱୀକାର କରିଥିଲା।

# ବୋଲଗଡ଼ରେ ବିଜେଡି ସଭ୍ୟ ସଂଗ୍ରହ କର୍ମଶାଳା

**ବୋଲଗଡ଼,୧୩।୧୧(ସମିସ):** ବୋଲଗଡ଼ ବ୍ଲକ ସ୍ଥିତ ପୂର୍ତ୍ତ ଡାକ ବଙ୍ଗଳାଠାରେ ବିଜେଡିର ବ୍ଲକସ୍ତରୀୟ ସଭ୍ୟ ସଂଗ୍ରହ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ହୋଇଥିଲା। ବ୍ଲକର ସମସ୍ତ ପଞ୍ଚାୟତର ବିଜେଡି କର୍ମୀ ଓ ପଞ୍ଚାୟତର ଡିଜିଟାଲ ସ୍ୱେଚ୍ଛାସେବୀ କର୍ମଶାଳାରେ ଉପସ୍ଥିତ ଥିଲେ । କର୍ମଶାଳାରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ପ୍ରଶିକ୍ଷକ ସୁରେଶ କୁମାର ସାମନ୍ତରାୟ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ସଭ୍ୟ ସଂଗ୍ରହ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ସୁଭେନ୍ଦ୍ର ସାହୁ, ପୂର୍ବତନ ସମିତି ସଭ୍ୟ ବିର କିଶୋର ଦାସ, କୃଷ୍ଣଚନ୍ଦ୍ର ବାରିକ ଓ ବିଭିନ୍ନ ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିଲେ। ସାଗର ବରାଳ କର୍ମଶାଳାରେ ସଂଯୋଜନା କରିଥିଲେ। ତୃଣମୂଳ ସ୍ତରରେ ଦଳକୁ ସୁଦୃଢ କରିବା ପାଇଁ ବିଧାୟକ ଶ୍ରୀ ସାହୁ ଆହ୍ୱାନ ଦେଇଥିଲେ। ବିଜେଡିର କର୍ମୀ ଓ ଯୁବବନ୍ଧୁ ୱାର୍ଡ ସ୍ତରରେ ନୂତନ ଓ ସକ୍ରିୟ ସଦସ୍ୟତା ଅଭିଯାନକୁ ତ୍ୱରାନ୍ୱିତ କରିବା ସହ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ସହ ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବା ପାଇଁ ଶପଥ ନେଇଥିଲେ।



## ପଞ୍ଚାୟତ ଅଫିସ ସୁରକ୍ଷା ପାଚେରି ପ୍ରସଙ୍ଗ

# ଜିଲ୍ଲାପାଳଙ୍କୁ ଭେଟିଲେ ସ୍ଥାନୀୟ ବାସିନ୍ଦା

**ଖୋର୍ଦ୍ଧା,୧୩।୧୧(ସମିସ):** ପଞ୍ଚାୟତ ଗଠନକୁ ୬୭ବର୍ଷ ବିତିଥିଲେ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟର ସୁରକ୍ଷା ପାଚେରି ନାହିଁ। ଫଳରେ ଏଠାରେ ଅସାମାଜିକ ଲୋକଙ୍କ ଆଡାସ୍ଥଳୀ ପାଲଟିଛି। ପଞ୍ଚାୟତ କାର୍ଯ୍ୟାଳୟ ସୁରକ୍ଷା ପାଚେରି ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ୍ୟ କିଛି ଫଳ ମିଳୁନି। ତେଣୁ ଆଜି ପୁନର୍ବାର ବାଜପୁର ସରପଞ୍ଚ କେଦାରେଶ୍ୱର ପୃଷ୍ଟିଙ୍କ ଆବାହକତ୍ୱରେ ସ୍ଥାନୀୟ ଶତାଧିକ ଗ୍ରାମବାସୀ ଓ ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ଦେଇଛନ୍ତି।



ପ୍ରକାଶଥାଉକି, ୧୯୫୭ମସିହାରୁ ଗଠନ ହେଲାଣି ଖୋର୍ଦ୍ଧା ବ୍ଲକ ବାଜପୁର ଗ୍ରାମପଞ୍ଚାୟତ। ଦୀର୍ଘ ୬୭ବର୍ଷ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଏହାର ଆବଦ୍ଧ ପାଚେରି ନାହିଁ। ଚତୁଃପାର୍ଶ୍ୱ ଖୋଲାଥିବାରୁ ଜାଗା ଜବରଦଖଲ, ନିଶା କାରବାର, ଗୋରୁଗାଈଙ୍କ ଅବାଧ ପ୍ରବେଶ ହେଉଛି। ପଞ୍ଚାୟତବାସୀ ସେଠାରୁ ଭତ୍ତା, ରାସନ ସାମଗ୍ରୀ ଆଦି କାର୍ଯ୍ୟ ନିମନ୍ତେ ସେଠାକୁ ଯିବା ସମୟରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଶନ ଶକ୍ତିର ମାଆମାନେ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ଦୈନିକ ସଭାକାର୍ଯ୍ୟ କରନ୍ତି। ମାତ୍ର ପାଚେରି ନ ଥିବାରୁ ସେମାନେ ଅସୁରକ୍ଷିତ ମନେ କରୁଛନ୍ତି। ସେହିପରି ଏହି ଗ୍ରାମପଞ୍ଚାୟତଟି ଶ୍ମଶାନ ଜାଗାରେ ହୋଇଥିବାରୁ ପଞ୍ଚାୟତ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଜି.ପି.ଡି.ପି.ରେ ଶ୍ମଶାନ ଆବଦ୍ଧ ପାଚେରି ପାଇଁ ଅର୍ଥ ରଖାଯାଇଥିବା ସତ୍ତ୍ୱେ ପାଚେରି ହୋଇପାରିନି।

ସୂଚନା ଯେ ସେଠାରେ ସ୍ଥାନୀୟ ପଡ଼ୋଶୀ ନନ୍ଦପୁର ପଞ୍ଚାୟତର କିଛି ଅଧିବାସୀ ଜାଗା ଜବରଦଖଲ କରିଥିବାରୁ ସେଠାରେ ପାଚେରି ନିର୍ମାଣ କଲେ ଗଣ୍ଡଗୋଳ ଓ ହିଂସା ହେବାର ସମ୍ଭାବନା ଅଛି। ଏ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦେଖାହୋଇ ଜଣାଇବା ପରେ ସ୍ଥାନୀୟ ତହସିଲଦାର ମାପଚୁପ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଯାହାକୁ ନେଇ ଅସନ୍ତୋଷ ବଢୁଛି। ତେଣୁ ପ୍ରତିନିଧି ମଣ୍ଡଳୀ ଆଜି ପଞ୍ଚାୟତ ଓ ସାଧାରଣ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ପାଚେରି ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ଖୋର୍ଦ୍ଧା ଜିଲ୍ଲା ଇନ୍‌ଟ୍ରା କ୍ଲବ୍ କ୍ରିକେଟ୍

# ଇଗଲ୍ କ୍ରିକେଟ୍ କ୍ଲବ ବିଜୟୀ



**ଖୋର୍ଦ୍ଧା,୧୩।୧୧(ସମିସ):** ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡ଼ିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ଚାଲିଥିବା ସିନିୟର୍ ଇନ୍‌ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବୁଧବାର ଇଗଲ କ୍ରିକେଟ କ୍ଲବ ଏବଂ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଗଲ କ୍ରିକେଟ କ୍ଲବ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍‌କୁ ୨୪ ରନ୍‌ରେ ପରାସ୍ତ କରି ବିଜୟୀ ହୋଇଛି। ଟସ୍ ଜିତି ଇଗଲ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଙ୍ଗ କରି ୩୭.୩ ଓଭରରେ ସମସ୍ତ ୱିକେଟ ହରାଇ ୧୮୯ ରନ୍ କରିଥିଲା। ଦଳର ଧରଣୀଧର ସ୍ୱାଇଁ ୪୫ ରନ୍, ଜିତୁ ସାମନ୍ତରାୟ ୪୭ ଓ ସନ୍ଦୀପ ଚୌହାନ ୪୧ ରନ୍ କରିଥିଲେ। ଖୋର୍ଦ୍ଧା କ୍ରିକେଟ୍ ଦଳ ତରଫରୁ ତାରିଣୀ ନାୟକ ୪ଟି ଏବଂ ରୂପକ ଜେନା ଓ ଆଦିତ୍ୟ ଜୟସିଂହ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ୩୭.୪ ଓଭରରେ ସମସ୍ତ ୱିକେଟ ହରାଇ ୧୬୫ରନ୍‌ରେ ସୀମିତ ରହିଥିଲା। ଏହି ଲିଗ୍ ମ୍ୟାଚ୍‌କୁ ଇଗଲ କ୍ରିକେଟ ଦଳ ୨୪ରନ୍‌ରେ ଜିତି ନେଇଥିଲା। ଖୋର୍ଦ୍ଧା ଦଳ ପକ୍ଷରୁ ତାରିଣୀ ନାୟକ ୪୮ରନ୍ ଏବଂ ଏମ.ସନ୍ତୋଷ ଦୋରା ୩୭ ରନ୍ ସଂଗ୍ରହ କରିଥିବାବେଳେ ଇଗଲ କ୍ରିକେଟ କ୍ଲବ୍ ପକ୍ଷରୁ ଶୁଭମ୍ ନାୟକ, ଜ୍ୟୋତି ବେହେରା ଓ ସନ୍ଦୀପ ଚୌହାନ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

ଇଗଲ କ୍ରିକେଟ କ୍ଲବ୍‌ର ସନ୍ଦୀପ ଚୌହାନ ଆଜିର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ପ୍ରଦୀପ୍ତ କୁମାର ଜେନା ଓ ରହିମ ଖାନ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଥିଲେ। ମ୍ୟାଚ୍ ରେଫରୀ ଭାବେ ବ୍ରିଜେଶ ପ୍ରଧାନ ଓ ସଂଯୋଜକ ଭାବେ ଦେବ ପ୍ରସାଦ ସାମନ୍ତରାୟ ଦାୟିତ୍ୱ ପରିଚାଳନା କରିଥିଲେ।

# ବୃହତ୍ତ ପାନୀୟ କାରଖାନାକୁ ବିରୋଧ

**ଖୋର୍ଦ୍ଧା,୧୩।୧୧(ସମିସ):** ଖୋର୍ଦ୍ଧାରେ ଦୁଇଟି ବଡ଼ ପାନୀୟ କାରଖାନା ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷ ମଞ୍ଜୁରି ପ୍ରଦାନ କରିଛନ୍ତି। ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କର୍ତ୍ତୃପକ୍ଷଙ୍କ ବୈଠକରେ ୩୩୫୩ କୋଟି ଟଙ୍କାର ୧୫ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ପୁରୀ, କଟକ, ଖୋର୍ଦ୍ଧା, ଝାରସୁଗୁଡ଼ା ଓ କୋରାପୁଟ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ତେବେ ଖୋର୍ଦ୍ଧାରେ ସ୍ଥାପନ ହେବାକୁ ଥିବା ଦୁଇ ବୃହତ ପାନୀୟ କାରଖାନାକୁ କଂଗ୍ରେସ ବିରୋଧ କରିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଖୋର୍ଦ୍ଧାରେ ପାନୀୟଜଳ ସମସ୍ୟା ସୃଷ୍ଟି ହେବ। ଖୋର୍ଦ୍ଧାରେ ଥିବା ଅନେକ ଶିଳ୍ପସଂସ୍ଥା ଯୋଗୁ ପାନୀୟଜଳ ସମସ୍ୟା ଲାଗି ରହିଥିବାବେଳେ ଏବେ ବୃହତ ପାନୀୟ କାରଖାନା ସ୍ଥାପନ ହେଲେ ଭୂତଳସ୍ତର ଜଳ ଉତ୍ସ ଶୁଖିଯିବ। ଖୋର୍ଦ୍ଧାରେ ଏହାକୁ ତୀବ୍ର ବିରୋଧ କରାଯିବ ବୋଲି କହିଛନ୍ତି କଂଗ୍ରେସ ମୁଖପାତ୍ର ସୋନାଲି ସାହୁ। ଏହାର ପ୍ରତିବାଦରେ ସୋନାଲିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପକୁ ବାତିଲ କରାନଗଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀଙ୍କ ସମେତ କଂଗ୍ରେସ ମୁଖପାତ୍ର ଶ୍ରୀମତୀ ସାହୁ ଚେତାବନୀ ଦେଇଛନ୍ତି।



ରାଜ୍ୟପାଳଙ୍କୁ ଦାବିପତ୍ର

# ଛାତ୍ରଛାତ୍ରୀଙ୍କୁ ମାଗଣା ବ୍ୟାଗ ବର୍ଣ୍ଟନ

**ବେଗୁନିଆ,୧୩।୧୧(ସମିସ):** ସାରୁଅ ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ବୃନ୍ଦାବନ ମହାପାତ୍ରଙ୍କ ନେତୃତ୍ୱରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଫ୍ୟୁଜନ ଫାଇନାନ୍ସ ପକ୍ଷରୁ ମାଗଣା ବ୍ୟାଗ ବର୍ଣ୍ଟନ କାର୍ଯ୍ୟକ୍ରମ ହୋଇଛି। ଏଥିରେ ସରପଞ୍ଚ ରଞ୍ଜିତା ମହାଭୋଇ ମୁଖ୍ୟଅତିଥି, ସୁନାଖଳା ଶାଖାର ଆଞ୍ଚଳିକ ପରିଚାଳକ ରାକେଶ ଅତିବୁଦ୍ଧ ମୁଖ୍ୟବକ୍ତା, ସହକାରୀ ଉପସଭାପତି ଅମୂଲ୍ୟ ସାହୁ, କ୍ଷେତ୍ରୀୟ ପରିଚାଳକ ରାଜ କିଶୋର ସାହୁ, ପ୍ରଶାସନିକ କ୍ଷେତ୍ର ଶ୍ରୀକାନ୍ତ ଦାସ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ ନାରାୟଣ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ବ୍ୟାଗ ବର୍ଣ୍ଟନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷଣ କାର୍ଯ୍ୟକ୍ରମ

**ଟାଙ୍ଗୀ,୧୩।୧୧(ସମିସ):** ଟାଙ୍ଗୀ ବ୍ଲକ ଅଧିନସ୍ଥ ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟକାର୍ଯ୍ୟକ୍ରମଆନୁକୂଲ୍ୟରେସ୍ୱାସ୍ଥ୍ୟପରୀକ୍ଷାକାର୍ଯ୍ୟକ୍ରମକରାଯାଇଛି। ଡାକ୍ତର ଶ୍ରୀନାଥ ମହାପାତ୍ର, ଆୟୁଷ ଡାକ୍ତର ଗାୟତ୍ରୀ ସେନ ଏବଂ ନର୍ସ ସ୍ୱର୍ଣ୍ଣଲତା ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବୀଣାପାଣି ବେହେରା, ଲଳିତ ନାରାୟଣ ମହାପାତ୍ର, ସ୍ୱାଗତିକା ରାଜ, ମନୋରମା ସାହୁ, ରୁପାଲୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ନରଣଗଡ଼ ମା' ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# କଟକ ରକ୍‌ଷ୍ଟାର ୧-୦ରେ ଚାମ୍ପିଅନ

**ନିରାକାରପୁର,୧୩।୧୧(ସମିସ)**

ଖୋର୍ଦ୍ଧା ଜିଲ୍ଲା ନରଣଗଡ଼ଠାରେ ମା' ଭଗବତୀ ଫୁଟବଲ କ୍ଲବ ଆନୁକୂଲ୍ୟରେ ଦୀର୍ଘ ୭ ଦିନ ବ୍ୟାପି ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଠଟି ଟିମ ଅଂଶଗ୍ରହଣ କରିଥିଲେ। ବୁଧବାର ଫାଇନାଲ ମ୍ୟାଚ କଟକ ରକ୍ ଷ୍ଟାର ଏବଂ ଭୁବନେଶ୍ୱର ମହାବୀର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ ସ୍କୋର ବରାବର ରହିବାରୁ ଟାଇବ୍ରେକର ଜରିଆରେ କଟକ ଟିମ ୧-୦ରେ ବିଜୟୀ ହୋଇ ଚାମ୍ପିୟନ



ହୋଇଛି। ଏହି ଖେଳରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ମଳିପଡ଼ାର ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ପ୍ରଧାନ, ନରଣଗଡ଼ ଗ୍ରାମ ସଭାପତି ଗୋଦାବରୀଶ ଗୁମାନସିଂହ, ପୂର୍ବତନ ସମିତି ସଭ୍ୟ ଅମରେନ୍ଦ୍ର ବଳିୟାରସିଂ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ମୁଖ୍ୟ ରବୀନ୍ଦ୍ର କୁମାର ମାର୍ଥା ସଭାପତିତ୍ୱ କରିଥିବାବେଳେ ରମେଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ ।

# ଦିନକ ପରେ କାର୍ତ୍ତିକ ପୂର୍ଣ୍ଣିମା; ଆରମ୍ଭ ହେଲାଣି ଡଙ୍ଗା ବିକ୍ରି

**ଖୋର୍ଦ୍ଧା,୧୩।୧୧(ସମିସ):** ଦିନକ ପରେ କାର୍ତ୍ତିକ ପୂର୍ଣ୍ଣିମା ବା ବୋଇତବନ୍ଦାଣ ଉତ୍ସବ। ଏହି ଦିନ ଓଡିଆମାନେ ପୋଖରୀ, ନଦୀ ଆଦିରେ ଡଙ୍ଗା ଭସାଇ ଅତୀତର ସ୍ମୃତିକୁ ମନେ ପକାଇଥାନ୍ତି। ପୂର୍ବରୁ ଏହି ଦିନରେ ଓଡିଆ ସାଧବ ପୁଅ ବିଭିନ୍ନ ଦେଶକୁ ବାଣିଜ୍ୟ କରିବା ପାଇଁ ଯାଇ ବହୁଧନରତ୍ନ ଧରି ଓଡ଼ିଶା ଫେରୁଥିଲେ। ସେଥିପାଇଁ ସେମାନଙ୍କର ମଙ୍ଗଳକାମନା କରି ବୋଇତକୁ ବନ୍ଦାପନା କରି ତାଙ୍କୁ ବିଦାୟ ଦିଆଯିବାର ପରମ୍ପରା ରହିଆସିଛି। ଆସନ୍ତା ୧୫ ତାରିଖରେ କାର୍ତ୍ତିକ ପୂର୍ଣ୍ଣିମା ପଡୁଥିବାରୁ ଏବେଠାରୁ ସହରର ବିଭିନ୍ନ ସ୍ଥାନରେ କାଗଜ ଡଙ୍ଗାର ପସରା ମେଲାଇ ବସିଛନ୍ତି। ସହରର ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗ ଛକ, ମାରୱାଡିପଟି, ଟ୍ରାଫିକ ଛକ, ସମବାୟ ବ୍ୟାଙ୍କ ଛକ, ପୁରୁଣା ମେଡିକାଲ ରୋଡ, ନୟାଗଡ ରୋଡ, ନୂଆ ବସଷ୍ଟାଣ୍ଡ, କଂଟାଛକ, ପଲ୍ଲାହାଟ ସମେତ ଖୋର୍ଦ୍ଧା ଉପକଣ୍ଠ ପାନବରଜ, ପଲ୍ଲା, ତୋଟାପଡା, ଜାଗୁଲେଇପାଟଣା ବଜାର, ନୂଆଗାଁ ପ୍ରଭୃତି ସ୍ଥାନରେ ବିଭିନ୍ନ ଡିଜାଇନର ଡଙ୍ଗା ବିକ୍ରି ହେଉଛି। ତେବେ ଛୋଟ ଡଙ୍ଗା ସାଙ୍ଗକୁ ବଡ ଓ ସୋଲ ଏବଂ ବୋର୍ଡରେ ନିର୍ମିତ ଡଙ୍ଗାର ଚାହିଦା ଅଧିକ ରହିଛି।



ମାର୍କେଟରେ ବର୍ତ୍ତମାନ ୧୦ ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଡଙ୍ଗା ମିଳୁଛି। ଏଥିରେ ଓଡିଶାର ବିଭିନ୍ନ କଳା ସଂସ୍କୃତିର କାରୁକାର୍ଯ୍ୟ ହୋଇଥିବାବେଳେ ହାତ ଖୋଦେଇ କାମ ମଧ୍ୟ ହୋଇଛି। କିଛି ଡଙ୍ଗାରେ ଚିତ୍ରକଳା ମାଧ୍ୟମରେ ଓଡିଶାର ପରମ୍ପରା ସମ୍ପର୍କରେ ବାର୍ତ୍ତା ଦିଆଯାଇଛି। ସେହିପରି ଗୋଟିଏ ବା ଦୁଇଟି ସ୍ଥାନରେ ଅଳ୍ପ ସଂଖ୍ୟକ କଦଳୀ ପଟୁକା ଡଙ୍ଗା ବିକ୍ରି ହେଉଥିବାବେଳେ ଗୁରୁବାର ଡଙ୍ଗା ଅଧିକ ମାତ୍ରାରେ ବିକ୍ରି ହେବ ବୋଲି ଡଙ୍ଗା ବ୍ୟବସାୟୀ ସୋମେଶ ପ୍ରଧାନ କହିଛନ୍ତି।

